

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୪ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 4 JUNE 2023

Vol.No. 34 ■ No. 147 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

କନ୍ଧାଇଦେଲା କରମଣ୍ଡଳ

୩୦୦ରୁ ଉର୍ଦ୍ଧ୍ୱ ମୃତ୍ୟୁସଂଖ୍ୟା

॥ ଓଡ଼ିଶା ଇତିହାସର ସବୁଠାରୁ ବଡ଼ ଓ ଭୟଙ୍କର ଟ୍ରେନ ଦୁର୍ଘଟଣା ॥

- ମୃତ ଯାତ୍ରୀଙ୍କ ପରିଚୟ ସଂଗ୍ରହ ବଡ ଚ୍ୟାଲେଞ୍ଜ: ମୁଖ୍ୟ ଶାସନ ସଚିବ
- ଆଜି ଆସିବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ: ଡେରା ପକାଇଛନ୍ତି ରେଳମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ
- ସିଗନାଲ ଫେଲ୍ ଯୋଗୁ ଘଟିଛି ଭୟଙ୍କର ଦୁର୍ଘଟଣା
- ରେଳ ଦୁର୍ଘଟଣା ପାଇଁ ଅର୍ଦ୍ଧନମିତ ରହିଲା ଜାତୀୟ ପତାକା

ବାଲେଶ୍ୱର, ୩/୦୬ (ନି.ପ୍ର): ଓଡ଼ିଶା ଇତିହାସର ସବୁଠାରୁ ବଡ଼ ଟ୍ରେନ ଦୁର୍ଘଟଣା ପୂରା ବିଶ୍ୱକୁ ସ୍ତବ୍ଧ କରି ଦେଇଛି । ବାଲେଶ୍ୱର ବାହାନଗାରେ ତିନି ତିନିଟି ଟ୍ରେନ୍ ମଧ୍ୟରେ ହୋଇଥିବା ଭୟଙ୍କର ଧକ୍କା ସମସ୍ତଙ୍କୁ ଚକିତ କରିଛି । ଦେଶର ଅନ୍ୟତମ ଟ୍ରେନ ଟ୍ରାଜେଡିରେ ବର୍ତ୍ତମାନ ସୁଦ୍ଧା ୨୮୮ ଜଣଙ୍କ ମୃତ୍ୟୁ ଘଟି ସାରିଲାଣି । ଏଥିରେ ୮୦୩ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫୬ ଜଣ ଗୁରୁତର ଆହତ ହୋଇଛନ୍ତି । ସମସ୍ତ ଆହତ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଶୁକ୍ରବାର ଲୌହ ଦାନବର ରକ୍ତ ଭୋଜି ଉଜାଡ଼ି ଦେଇଛି ଅନେକଙ୍କ ସ୍ୱପ୍ନ । ଛାରଖାର କରିଦେଇଛି ବହୁ ପରିବାରର ଖୁସି । କିଏ ନିଜ ବାପାଙ୍କୁ ହରାଇଛି ତ ଆଉ କିଏ ନିଜ ପୁଅ, ସ୍ୱାମୀ ଓ ଝିଅଙ୍କୁ ହରାଇଛି । ମାତ୍ର କିଛି ମିନିଟ ମଧ୍ୟରେ ସବୁ କିଛି ଛାରଖାର ହୋଇ ଯାଇଛି । ଶୁକ୍ରବାର ସନ୍ଧ୍ୟାରେ କିଏ ବାପା-ମାଆଙ୍କ ସହ ମାମୁ ଘରକୁ ବାହାରି ଥିଲା ତ ଆଉ କିଏ ଛୁଟି କାଟିବାକୁ ନିଜ ଘରକୁ ଫେରୁଥିଲେ । ସମସ୍ତେ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଅପେକ୍ଷା କରିଥିବା ବେଳେ ବାହାନଗା ବଜାର ଷ୍ଟେସନ ଠାରୁ ୩୦୦ ମିଟର ଦୂରରେ ଘଟିଥିଲା ଅଘଟଣ । ପଶ୍ଚିମବଙ୍ଗର ଶାଲିମାରରୁ ଚେନ୍ନାଇ ଯାଉଥିବା କରମଣ୍ଡଳ ଏପକ୍ସପ୍ରେସ ପ୍ରଥମେ ସିଗ୍ନାଲରେ ବାଉଳା ହୋଇ ମାଲବାହୀ ଟ୍ରେନକୁ ଧକ୍କା ଦେଇ ଲାଇନଚ୍ୟୁତ ହୋଇଯାଇଥିଲା । ବଗି ଗୁଡ଼ିକ ଓଲଟି ପଡ଼ିଥିବା ବେଳେ ଯଶବନ୍ତପୁର-ହାୱାଡା ସୁପରଫାଷ୍ଟ ଏହାକୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଧକ୍କା ହେବା ପରେ କିଛି ବଗି ବେଶ କିଛି ବାଟ ଛିଟିକି ପଡ଼ି ଟ୍ରାକରେ ଛେଚି ହୋଇଯାଇଥିଲା । ଗୋଟିଏ ବଗି ଅନ୍ୟ ଏକ ବଗି ଉପରେ ଚଢ଼ି ଯାଇଥିଲା । ଦୁଇଟି ଯାକ ଟ୍ରେନର ୧୭ଟି ବଗି ଭୟଙ୍କର

ଭାବେ କ୍ଷତିଗ୍ରସ୍ତ ହୋଇଛି । ଏହି ଖବର ଆଖି ପିଛୁଳାକେ ବ୍ୟାପିବା ପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା । ପ୍ରଶାସନ ଆସିବା ପୂର୍ବରୁ ବଗି ତଳେ ଓ ଭିତରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଆରମ୍ଭ ହୋଇ ଯାଇଥିଲା । ରାତିର ଅନ୍ଧାର ଓ କେବେ ଆଖି ଦେଖି ନଥିବା ଭୟଙ୍କର ଦୁର୍ଘଟଣା ଭିତରେ ଆରମ୍ଭ ହୋଇଥିଲା ସବୁଠାରୁ ଚ୍ୟାଲେଞ୍ଜିଂ ଅପରେସନ । ତେବେ ବଗି ଓ ତା' ଭିତରୁ ଫସି ରହିଥିବା ଲୋକଙ୍କ ଜୀବନକୁ ରକ୍ଷା କରିବା ଆଦୌ ସହଜ ନଥିଲା । ଭାରତ ଇତିହାସର ଅନ୍ୟତମ ବଡ଼ ରେଳ ଦୁର୍ଘଟଣାର ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଥିଲା । ଘନଘନ ଆମ୍ବୁଲାନସର ସାଇରନ୍, ଗ୍ୟାସ କଟର ଓ ସନ୍ଧାନୀ କୁକୁର ଦ୍ୱାରା ବଗି ଭିତରୁ ଜୀବନ ଖୋଜା ଆରମ୍ଭ ହୋଇଥିଲା ।

▶▶ପୃଷ୍ଠା ୭

ସ୍ଥିତି ପରଖିବା ସହ ହସ୍ପିଟାଲରେ ଆହତଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ୨ ମୁଖ୍ୟମନ୍ତ୍ରୀ ଓ ୨କେନ୍ଦ୍ରମନ୍ତ୍ରୀ

ଓଡ଼ିଶା ଇତିହାସରେ ସର୍ବବୃହତ୍ ତଥା ଭୟାବହ ଟ୍ରେନ ଦୁର୍ଘଟଣାରେ ୨୬୧ଜଣଙ୍କ ମୃତ୍ୟୁ ଓ ୧୦୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଗତକାଲି ସନ୍ଧ୍ୟା ୭ଟାରେ ହୋଇଥିବା ଏହି ଦୁର୍ଘଟଣାର ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇଛି ତଥା ଏବେବି ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଥିବାବେଳେ ଆଜି ଦିନତମାମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ଘଟଣାସ୍ଥଳ ଗସ୍ତ କରି ସ୍ଥିତି ପରଖିବା ସହ ଆହତଙ୍କୁ ଭେଟିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସକାଳ ୮ଟା ସୁଦ୍ଧା ଦୁର୍ଘଟଣାସ୍ଥଳରେ ପହଂଚି ସ୍ଥିତିର ଅନୁଧ୍ୟାନ କରିବା ସହ ଆହତଙ୍କୁ ଭେଟିଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ଓ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଘଟଣାସ୍ଥଳକୁ ଯାଇ ଆହତଙ୍କୁ ଭେଟିଛନ୍ତି । ସେହିପରି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏବେବି ଘଟଣାସ୍ଥଳ ଉପସ୍ଥିତ ଥିବାବେଳେ ତାମିଲନାଡୁ ସରକାରଙ୍କ ୩ଜଣ ମନ୍ତ୍ରୀ ମଧ୍ୟ ବାଲେଶ୍ୱରରେ ଡେରା ପକାଇଥିବା ଜଣାପଡ଼ିଛି ।

▶▶ପୃଷ୍ଠା ୭

ଶୋକ ପ୍ରକାଶ କଲେ ଋଷ ରାଷ୍ଟ୍ରପତିଙ୍କ ସମେତ ଅନେକ ଦେଶର ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଓଡ଼ିଶାର ବାଲେଶ୍ୱର ବାହାନଗାରେ ହୋଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାକୁ ନେଇ ସାରା ଦେଶ ସ୍ତବ୍ଧ ହୋଇପଡିଥିବାବେଳେ ବିଦେଶର ଅନେକ ରାଷ୍ଟ୍ରମୁଖ୍ୟ ବି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଋଷଠାରୁ ଆରମ୍ଭ କରି ତୁର୍କୀ, କାନାଡ଼ା, ଜାପାନ, ତାଇୱାନ ରାଷ୍ଟ୍ରମୁଖ୍ୟମାନେ ସମବେଦନା ଜଣାଇଛନ୍ତି । ରେଳ ଦୁର୍ଘଟଣାକୁ ନେଇ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିସିଦା ଦୁଃଖ ପ୍ରକାଶ କରିବା ସହ ସେ କହିଛନ୍ତି ଯେ ଜାପାନ ସରକାର ଏବଂ ଲୋକଙ୍କ ତରଫରୁ, ଯେଉଁମାନେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ସେମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି । ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମଧ୍ୟ ମୁଁ ପ୍ରାର୍ଥନା କରୁଛି । ଜାପାନର ପ୍ରଧାନମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏହି ସମବେଦନା ବାର୍ତ୍ତା ପଠାଇଛନ୍ତି । ସେହିପରି ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଟ୍ରେନ ଦୁର୍ଘଟଣାକୁ ନେଇ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମବେଦନା ବାର୍ତ୍ତା ପଠାଇଛନ୍ତି । ପୁଟିନ କହିଛନ୍ତି ଯେ ଏଭଳି ଦୁଃଖଦ ଦୁର୍ଘଟଣାରେ ନିଜ ପ୍ରିୟଜନଙ୍କୁ ହରାଇଥିବା ଲୋକଙ୍କୁ ସମବେଦନା ଜଣାଉଛି ଏବଂ ଆହତମାନଙ୍କର ଶୀଘ୍ର ଆରୋଗ୍ୟ କାମନା କରୁଛି । ଅନ୍ୟପଟେ ୟୁରୋପୀୟ କମିଶନ ସଭାପତି ଉର୍ସୁଲା ଭନ୍ ଡେର୍ ଲେଏନ୍ କହିଛନ୍ତି ଯେ ଟ୍ରେନ୍ ଦୁର୍ଘଟଣାରେ ପୀଡିତଙ୍କ ପରିବାରବର୍ଗଙ୍କୁ ମୁଁ ଗଭୀର ସମବେଦନା ଜଣାଉଛି ଏବଂ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି । ସେହିପରି ଫ୍ରାନ୍ସର ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ୍ ମଧ୍ୟ ରେଳ ଦୁର୍ଘଟଣା ସଂକ୍ରାନ୍ତରେ ଶୋକ ପ୍ରକାଶ କରିଛନ୍ତି । ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ମୋଦୀ ଓ ଭାରତୀୟଙ୍କୁ ଟୁଇଟ୍ କରି ଦୁଃଖପ୍ରକାଶ କରିଛନ୍ତି । ପାକିସ୍ତାନ ପ୍ରଧାନମନ୍ତ୍ରୀ ମଧ୍ୟ ଶତାଧିକ ଲୋକଙ୍କ ଜୀବନ ଚାଲିଯାଇଥିବାରୁ ଦୁଃଖ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି ଲେଖିଛନ୍ତି ଯେ ଯେଉଁମାନେ ନିଜର ପରିଜନଙ୍କୁ ହରାଇଛନ୍ତି, ସେମାନଙ୍କୁ ସମବେଦନା ଜଣାଉଛି । ତୁର୍କୀ ସରକାର ମଧ୍ୟ ଗଭୀର ଦୁଃଖପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି । ଉଲ୍ଲେଖ ଥାଉ କି ଏହା ପୂର୍ବରୁ କାନଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡ୍ୟୁ ଓ ତାଇୱାନ୍‌ର ରାଷ୍ଟ୍ରପତି ସିଆ ଇଙ୍ଗ୍-ୱେନ୍ ଆଜି ଶୋକବ୍ୟକ୍ତ କରିଥିଲେ ।

ଦୁର୍ଘଟଣାସ୍ଥଳରେ ମମତା-ଅଶ୍ୱିନୀ କଥା କଟାକଟି

ବାଲେଶ୍ୱର, ୩/୦୬ (ନି.ପ୍ର): ବାଲେଶ୍ୱରର ବାହାନଗାରେ ଶୁକ୍ରବାର ସଂଧ୍ୟାରେ ହୋଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାକୁ ଭାରତର ଅନ୍ୟତମ ବଡ଼ ରେଳ ଦୁର୍ଘଟଣା ଭାବେ ଗଣାଯାଉଛି । ଏହାକୁ ନେଇ ସାରା ବିଶ୍ୱରୁ ଶୋକ ସମ୍ବାଦ ପହଞ୍ଚିବାରେ ଲାଗିଛି । କିନ୍ତୁ ଏହି ବିପଦ ସମୟରେ ବି ରାଜନେତାମାନେ ନିଜ ନିଜର ମତଭେଦକୁ ଦୂର କରିପାରୁନାହାନ୍ତି । ଏହାର ଏକ ଉଦାହରଣ ଦେଖିବାକୁ ମିଳିଥିଲା ଯେତେବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଥା କଟାକଟି ହୋଇଥିଲେ । ଶନିବାର ମମତା ଦୁର୍ଘଟଣାସ୍ଥ ?ଳ ପରିଦର୍ଶନ କରିବା ପରେ ସାମ୍ବାଦିକମାନଙ୍କ ସହ କଥା ହେଉଥିଲେ । ଏହି ସମୟରେ ତାଙ୍କ ସହ ରେଳମନ୍ତ୍ରୀ ବୈଷ୍ଣବ ମଧ୍ୟ ଥିଲେ ।

▶▶ପୃଷ୍ଠା ୭

ବାଲେଶ୍ୱର ଟ୍ରେନ ଦୁର୍ଘଟଣାରେ ଆହତ ଲୋକଙ୍କୁ ନେଇ ଯାଉଥିବା ବସ୍ ଦୁର୍ଘଟଣା ଗ୍ରସ୍ତ

ବାଲେଶ୍ୱର, ୩/୦୬ (ନି.ପ୍ର): ଓଡ଼ିଶାର ବାଲେଶ୍ୱର ଅନ୍ତର୍ଗତ ବାହାନଗା ଭୟଙ୍କର ଟ୍ରେନ ଦୁର୍ଘଟଣାରେ ଆହତ ହୋଇଥିବା ଲୋକଙ୍କ ପିଛା ଛାଡୁନି ବିପଦ । ଟ୍ରେନ ଦୁର୍ଘଟଣାରେ ଆହତ ଲୋକଙ୍କୁ ବାଲେଶ୍ୱରରୁ ନେଇ ଯାଉଥିବା ଗୋଟିଏ ବସ୍ ବେଙ୍ଗଲର ମେଦିନିପୁରରେ ଦୁର୍ଘଟଣା ଗ୍ରସ୍ତ ହୋଇଛି । ମିଳିଥିବା ସୂଚନା ଅନୁସାରେ, ସ୍ୱତନ୍ତ୍ର ବସ୍ ଯୋଗେ ଆଜି ଟ୍ରେନ ଟ୍ରାଜେଡିରେ ଆହତ ଲୋକଙ୍କୁ ବେଙ୍ଗଲ ପଠା ଯାଇଥିଲା । ତେବେ ମେଦିନିପୁର ସ୍ଥିତ ଜାତୀୟ ରାଜପଥରେ ବସ୍ ସହ ଗୋଟିଏ ପିକ ଅପ୍ ଭ୍ୟାନ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଟ୍ରେନ ଦୁର୍ଘଟଣାରେ ସାମାନ୍ୟ ଆହତ ହୋଇଥିବା ଲୋକମାନେ ବସ୍ ? ଦୁର୍ଘଟଣାରେ ଗୁରୁତର ହୋଇଥିଲେ । ସେମାନଙ୍କୁ ବେଙ୍ଗଲର ବିଭିନ୍ନ ହସ୍ପିଟାଲକୁ ଭର୍ତ୍ତି କରାଯାଇଛି । ଖବର ପାଇ ପୁଲିସ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ସହ ଦୁର୍ଘଟଣା ଗ୍ରସ୍ତ ବସରୁ ସମସ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇ ଥିଲା । ଏଥିସହ ଦୁର୍ଘଟଣା ପରେ ଜାତୀୟ ରାଜପଥରେ ସୃଷ୍ଟି ହୋଇଥିବା ଟ୍ରାଫିକ ସମସ୍ୟାକୁ ମଧ୍ୟ ନିୟନ୍ତ୍ରଣ କରିଥିଲା । ଏବେ ସବୁ କିଛି ସ୍ୱାଭାବିକ ରହିଛି । ଦୁର୍ଘଟଣାରେ ବସ୍‌ର ସାମ୍ନା ପଟ କ୍ଷତି ଗ୍ରସ୍ତ ହୋଇଛି । ଶୁକ୍ରବାର କରମଣ୍ଡଳ ଏକ୍ସପ୍ରେସ ଘଣ୍ଟାପ୍ରତି ୧୨୮ କିମିରେ ଯାଉଥିବା ବେଳେ ବେଙ୍ଗାଲୁରୁ-ହାୱାଡା ସୁପରଫାଷ୍ଟ ଏକ୍ସପ୍ରେସ ୧୨୬ କିମି ବେଗରେ ଆସୁଥିଲା । ମାଲବାହୀ ଟ୍ରେନକୁ ଧକ୍କା ଦେଇ ପ୍ରଥମେ କରମଣ୍ଡଳ ଲାଇନଚ୍ୟୁତ ହୋଇଥିଲା ।

ରକ୍ତ ଦେବାକୁ ଲାଇନ୍ ଲଗାଇଥିଲେ ଦେବଦୂତ: ବହୁ ଆହତଙ୍କୁ ଜୀବନ ଦେଲେ

ବାଲେଶ୍ୱର: ଗତକାଲିର ଦୁର୍ଘଟଣା ପରଠୁ ଆଜିର ପୁନରୁଦ୍ଧାର ପର୍ଯ୍ୟନ୍ତ, ଆହତ ଓ ଦୁସ୍ଥ ଲୋକଙ୍କୁ ପ୍ରଶାସନ ବ୍ୟତୀତ ସିଧା ସହାୟତାର ହାତ ବଢାଇ ଦେଇ ଆସୁଛନ୍ତି ଶହ ଶହ ସଂଖ୍ୟାରେ ସ୍ୱେଚ୍ଛାସେବୀ । ତେବେ ଏ ଦୁର୍ଘଟଣା କାହିଁକି ଓ କେମିତି ଘଟିଲା ତା ବୁଝିବା ଆଗରୁ ଘଟଣାସ୍ଥଳରେ ପହଞ୍ଚି ସାରିଥିଲେ କିଛି ସ୍ଥାନୀୟ ଲୋକ । ସେଇମାନଙ୍କ ଭିତରୁ ଅନେକ ଦେବଦୂତ ସାଜି ଛିନଛତ୍ର ହୋଇପଡ଼ିଥିବା ବଗି ଉପରକୁ ଚଢି ଆରମ୍ଭ କରିଥିଲେ ଉଦ୍ଧାର କାର୍ଯ୍ୟ । ଦୁର୍ଘଟଣାସ୍ଥଳରୁ ଆହତଙ୍କୁ ଉଦ୍ଧାର, ସେଠାରୁ

ମେଡିକାଲ ବୋହିନେବା, ସ୍ୱେଚ୍ଛାକୃତ ରକ୍ତଦାନ କରିବାଠୁ ସବୁ କାମରେ ନିଜକୁ ନିୟୋଜିତ ହୋଇଛନ୍ତି ବହୁ ସ୍ୱେଚ୍ଛାସେବୀ । ସେହି ଦେବଦୂତଙ୍କ ତ୍ୱରିତ, ସମର୍ପିତ ଓ ଅବିରତ ସେବା ବହୁ ଆହତଙ୍କ ଜୀବନ ବଂଚାଇଥିବା ବେଳେ ଅନେକଙ୍କ ଯନ୍ତ୍ରଣାକୁ କିଛି ପରିମାଣରେ ଲାଘବ ବି କରିଛି । କାହା ନିର୍ଦ୍ଦେଶକୁ ଅପେକ୍ଷା କିମ୍ବା ସାଜସରଞ୍ଜାମକୁ ଉପେକ୍ଷା ନ କରି ଯେତେ

▶▶ପୃଷ୍ଠା ୭

ଉଠା ଜଳସେଚନ ପାଇଁ ଦାବିପତ୍ର ପ୍ରଦାନ

ଖଡ଼ିଆଳ, ୩/୦୬ (ନି.ପ୍ର): ନୂଆପଡା ଜିଲ୍ଲାର ପ୍ରମୂଖ ଜଳସେଚନ ପ୍ରକଳ୍ପ ହେଉଛି ତିଖାଲି ଡ୍ୟାମ। ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସାନମହେଶ୍ୱର ପଂଚାୟତର ତିଖାଲି ଗ୍ରାମ ଅନୁସାରେ ଏହାର ନାମକରଣ ହୋଇଛି। ଏହି ଡ୍ୟାମ ତିଆରି ପାଇଁ ଅଦ୍ୟାବଧି ଏକୋଇଶ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ପୁଣି ୩ ଶହ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଗତବର୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପଣ କରିଥିଲେ। ଏହି ପ୍ରକଳ୍ପରୁ ନୂଆପଡା ଜିଲ୍ଲା ଖଡ଼ିଆଳ ଓ ବୋଡ଼େନ ବ୍ଲକର ତେର ହଜାର ପାଂଚ ଶହ ହେକ୍ଟର ଜମି ଓ ବଲାଙ୍ଗିର ଜିଲ୍ଲାର ୧୬ ହଜାର ଚାରିଶହ ହେକ୍ଟର ଜମି ଜଳସେଚିତ ହେଉଅଛି। ୨୦୦୦ ମସିହାରେ ଏହି ଡ୍ୟାମ ନିର୍ମାଣ ଆରମ୍ଭ ହୋଇଥିଲା ଓ ୨୦୧୮ ମସିହାରେ ଏହା କାର୍ଯ୍ୟକ୍ଷମ ହୋଇ ପାରିଥିଲା। କିନ୍ତୁ, ବିଡମ୍ବନାର ବିଷୟ ହେଲା ସାନମହେଶ୍ୱର ପଂଚାୟତରେ ଏହି ଡ୍ୟାମ ହୋଇଥିଲେ ମଧ୍ୟ ଏହି ଗ୍ରାମର ଅଧିକାଂଶ ଜମିକୁ ଡ୍ୟାମ ପାଣି ମିଳୁନି। ସେହିପରି ନିକଟସ୍ଥ ବରଗାଁ ପଂଚାୟତର ଅନେକ ଗ୍ରାମ ଜଳସେଚନ ସୁବିଧା ପାଉନାହିଁ। ଏହି ଦୁଇ ପଂଚାୟତ ବାସୀ ଦୀର୍ଘ ଦିନରୁ ଉଠା ଜଳସେଚନ ବ୍ୟବସ୍ଥା କରି ତିଖାଲିରୁ ଜଳସେଚନ ବ୍ୟବସ୍ଥା କରିବାକୁ ଦାବି କରୁଛନ୍ତି। ଏନେଇ ଆଜି ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ଡାଣ୍ଡି, ବରଗାଁ ସରପଂଚ ଗୋବିନ୍ଦ ବିହାରୀ ବାରିକ, ସାନମହେଶ୍ୱର ସରପଂଚ ଆହ୍ଲାଦିନୀ ବେହେରା, ଶିକ୍ଷାବିତ ଗୌତମ ମୁଣ୍ଡ, ପୂର୍ବତନ ସରପଂଚ ବିଦୁର ଶବର, ଜଗତରାମ ଶବର, କ୍ଷୀରୋଦ ବେହେରା, ପୁଷ୍ପମ ଡାଣ୍ଡି ସମେତ ଅନ୍ୟାନ୍ୟ ଚାଷୀ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଖଡ଼ିଆଳ କାର୍ଯ୍ୟାଳୟ ଆସି ଅଧିକ୍ଷଣ ଯନ୍ତ୍ରୀ ଗୋବର୍ଦ୍ଧନ ନାଏକଙ୍କୁ ଏକ ଦାବିପତ୍ର ଦେଇଛନ୍ତି ଓ ଶୀଘ୍ର ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ନହେଲେ ଆନ୍ଦୋଳନର ଚେତାବନୀ ଦିଆଯାଇଛି। ଏହି ବିଷୟରେ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ନାଏକଙ୍କୁ ପଚାରିବାରୁ ଏହି ପ୍ରସ୍ତାବ ଉପରିସ୍ଥ ଅଧିକାରୀଙ୍କୁ ପଠାଯାଇଛି ଓ ପାଶ ହୋଇ ଆସିଲେ କାର୍ଯ୍ୟକାରୀ ହେବ ବୋଲି କହିଥିଲେ ।

ବାୟୋ-ମେଡିକାଲସ୍ ନେଇ ଜାପାନ-ଓଡ଼ିଶା ସହଭାଗିତା ପ୍ରସ୍ତାବ

ଭୁବନେଶ୍ୱର, ୩/୦୬ (ନି.ପ୍ର): ଓଡ଼ିଶାରେ ବାୟୋ-ମେଡିକାଲସ୍ ଗବେଷଣା ଏବଂ ବିକାଶ ନିମନ୍ତେ ଜାପାନର ସହଭାଗିତା ପାଇଁ ପ୍ରସ୍ତାବ ଦିଆଯାଇଛି । ଜାପାନ ଗସ୍ତରେ ଥିବା ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସେଠାରେ କୋବେ ବାୟୋ-ମେଡିକାଲ ଇନୋଭେସନ୍ କ୍ଲଷ୍ଟର ପରିଦର୍ଶନ କରି ଉପରୋକ୍ତ ମର୍ମରେ ପ୍ରସ୍ତାବ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ବାୟୋ-ମେଡିକାଲ ଇନୋଭେସନ୍ ନିମନ୍ତେ ଜାପାନସ୍ଥିତ ଭାରତୀୟ ଦୂତାବାସ ବହିର୍ବ୍ୟାପାର ମନ୍ତ୍ରାଳୟ ମାଧ୍ୟମରେ ଏପରି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ଦିଆଯାଇଛି । ଭୁବନେଶ୍ୱରସ୍ଥିତ ଜୀବବିଜ୍ଞାନ ପ୍ରତିଷ୍ଠାନ ଓ ଆଇସିଏମ୍‌ଆର-ଆରଏମ୍‌ଆରସିରେ ଏହି ଇନୋଭେସନ୍ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ ସେଂଟର (ବିକେଆଇସି) ଏହି ପ୍ରକଳ୍ପର ସଂଯୋଜକ ଭାବରେ କାର୍ଯ୍ୟ କରିବେ।ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ବିକେଆଇସି ସହିତ ଗବେଷଣା ଓ ବିକାଶ ନେଇ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ଜାପାନ-ଓଡ଼ିଶା ସହଭାଗିତା ବଳରେ ରାଜ୍ୟରେ ବାୟୋ-ମେଡିକାଲ କ୍ଷେତ୍ରରେ ନୂତନ ଗବେଷଣା, ବ୍ୟବସାୟିକ ବିନିମୟ ଓ ମାନବସମ୍ବଳ ଅଭିବୃଦ୍ଧି କ୍ଷେତ୍ରରେ ଅନେକ କାର୍ଯ୍ୟ ହୋଇପାରିବ। ବିଶେଷ କରି ସ୍ନାୟୁ, ଚକ୍ଷୁ, ବୌଦ୍ଧିକ ଦୁର୍ବଳତା ଓ ସ୍ମୃତିହୀନତା ପରି ସମସ୍ୟାଗୁଡ଼ିକର ଚିକିତ୍ସା କ୍ଷେତ୍ରରେ ଅଭିନବ ପ୍ରୟାସ ବିକଶିତ ହୋଇପାରିବ । ଜାପାନର କୋବେ ବାୟୋ-ମେଡିକାଲ ଇନୋଭେସନ୍ କ୍ଲଷ୍ଟର ପରିଦର୍ଶନ ସମୟରେ ମନ୍ତ୍ରୀଙ୍କ ସହିତ ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ବିଜ୍ଞାନ ଓ କାରିଗରୀ ବିଭାଗର ଯୁଗ୍ମ ଶାସନ ସଚିବ ପୂଜା ମିଶ୍ରଙ୍କ ସମେତ କ୍ଲଷ୍ଟରର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୩/୦୬ (ନି.ପ୍ର): ଜିଲ୍ଲା କାର୍ଯ୍ୟାଳୟରେ ଦକ୍ଷତାର ସହ କାର୍ଯ୍ୟ କରୁଥିବା ସମାଜ ମଙ୍ଗଳ ଅଧିକାରୀ ଶଙ୍କର ଜେନାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏନେଇ ଶୁକ୍ରବାର ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ବିଦାୟ କାଳୀନ ସଭାରେ ଡିସିପିଓ ବିଜୟ କେତନ ସାହୁ, ସଂଯୁକ୍ତା ମିଶ୍ର, ମିଶନ ଶକ୍ତି ଡିପିସି କୈଳାସ ଚନ୍ଦ୍ର ସେନାପତି, ଡିପିସି ମମତା ମନୋରଞ୍ଜନ ଦାସଙ୍କ ସମେତ ଜିଲ୍ଲାର ସମସ୍ତ ସିଡିପିଓ, ସୁପର ଭାଇଜର ପ୍ରମୁଖ ଉପସ୍ଥିତ ରହି ଶୀ ଜେନାଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର, ଗୀତା ପ୍ରଭୃତି ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଅବସର କାଳୀନ ଜୀବନ ସୁଖ ଶାନ୍ତିରେ ଅତିବାହିତ ହେବା ପାଇଁ ଭଗବାନଙ୍କୁ ପ୍ରାର୍ଥନା ଜଣାଇଛନ୍ତି ।

ମୋ ଘର ଯୋଜନାକୁ ସଫଳ କରିବା ନିମନ୍ତେ କର୍ମଶାଳା

ସୁବର୍ଣ୍ଣପୁର, ୩/୦୬ (ନି.ପ୍ର): ଓଡିଶା ସରକାରଙ୍କ ତରଫରୁ ଗ୍ରାମାଚଂଳରେ ଗୃହ ସହାୟତା ନିମନ୍ତେ 'ମୋ ଘର' ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଶେଷ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଗରିବ ଓ ନିମ୍ନ ମଧ୍ୟବିତ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ 'ମୋ ଘର ' ଯୋଜନାରେ ନୂତନ ଗୃହର ନିର୍ମାଣ, ସମ୍ପ୍ରସାରଣ, ସମ୍ପୂର୍ଣ୍ଣିକରଣ ତଥା ଉନ୍ନତିକରଣ ନିମନ୍ତେ ହିତାଧିକାରୀ ଯୋଜନାର ଲାଭ ନେଇ ପାରିବେ। ଜିଲ୍ଲାର ସମସ୍ତ ଗରିବ ଓ ନିମ୍ନ ମଧ୍ୟବିତ ଯୋଗ୍ୟ ପରିବାର ଯେପରି ଏହି ଯୋଜନାର ସୁଫଳ ପାଇପାରିବେ ସେଥି ନିମନ୍ତେ ଜିଲ୍ଲାପାଳ ସୁବର୍ଣ୍ଣପୁର ସୂର୍ଯ୍ୟନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଯୋଜନାରେ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପରିଷଦ ସଭାଗୃହରେ ଅନୁଷ୍ଠିତ ଏହି କର୍ମଶାଳାରେ ସିଡିଓ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କଁହର ସମସ୍ତଙ୍କୁ ସ୍ୱାଗତ କରିବା ସହ କର୍ମଶାଳାର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ତଥା ଯୋଜନାର ନିୟମାବଳୀର ପ୍ରତ୍ୟେକ ବିନ୍ଦୁ ଉପରେ ସୂଚନା ପ୍ରଦାନ କରିଥିଲେ। କର୍ମଶାଳାରେ ମୋ ଘର ଯୋଜନାର ବିସ୍ତୃତ ରୂପରେଖ ଉପରେ ଏପିଡି (ଗୃହଯୋଜନା) ଆଲୋକ ରଶ୍ମି ମିଶ୍ର, ପାୱାର ପ୍ରେଜେଣ୍ଟେସନ ଜରିଆରେ ଉପସ୍ଥାପନ କରିଥିଲେ। ''ମୋ ଘର'' ଯୋଜନାରେ କଠୋର ମାପଦଣ୍ଡ ପାଇଁ ବାଦ୍ ପଡିଥିବା ପରିବାର ଓ ସ୍ୱଳ୍ପ ଗୃହ ମଞ୍ଜୁର ଲକ୍ଷ୍ୟ ଧାର୍ଯ୍ୟ କାରଣରୁ ବଂଚିତ ଥିବା ପରିବାର ଉପକୃତ ହୋଇପାରିବ । ପୁନଶ୍ଚ, କଚ୍ଚା ଘରେ ବା ଗୋଟିଏ ବଖରା ଛାତ ଘରେ ରହୁଥିବା ପରିବାର ଗୃହ ନିର୍ମାଣ ଯୋଜନାରେ ସହାୟତା ପାଇନଥିବା ବା ୭୦ ହଜାର ଟଙ୍କାରୁ କମ୍ ସହାୟତା ପାଇଥିବା ପରିବାର, ମାସିକ ୨୫ ହଜାର ଟଙ୍କାରୁ କମ୍ ଆୟ କରୁଥିବା ପରିବାର, ବ୍ୟକ୍ତିଗତ ବ୍ୟବହାର ପାଇଁ ଚାରି ଚକିଆ ମୋଟର ଗାଡି ରଖି ନଥିବା ପରିବାର, କୌଣସି ସରକାରୀ/ ସରକାରୀ ଉଦ୍ୟୋଗରେ ନିୟମିତ କିମ୍ବା ପେନସନଭୋଗୀ କର୍ମଚାରୀ ନଥିବା ପରିବାର, ପାଂଚ ଏକର ଜଳସେଚିତ କିମ୍ବା ପନ୍ଦର ଏକର ଅଣଜଳସେଚିତ ଜମିରୁ କମ୍ ଜମି ଥିବା ପରିବାର ପ୍ରଭୃତି ଏହି ଯୋଜନାରେ ଆବେଦନ କରିବାକୁ ଯୋଗ୍ୟ ହୋଇପାରିବେ। ଯୋଜନାରେ ଚାରି ପ୍ରକାର ଋଣ (ଏକ ଲକ୍ଷ, ଦେଢ଼ ଲକ୍ଷ, ୨ ଲକ୍ଷ, ୩ ଲକ୍ଷ)ଟଙ୍କା ମାଧ୍ୟମରେ ନୂତନ ଗୃହର ନିର୍ମାଣ, ସମ୍ପ୍ରସାରଣ, ସମ୍ପୂର୍ଣ୍ଣିକରଣ, ଉନ୍ନତିକରଣ ନିମନ୍ତେ ଉପଲବ୍ଧ ରହିଛି। ଏଥିପାଇଁ ଆବେଦନକାରୀଙ୍କୁ ପ୍ରଥମ ବର୍ଷ ଋଣ ଶୁଝିବାକୁ ପଡ଼ିବ ନାହିଁ । ପରବର୍ତ୍ତୀ ୧୦ ବର୍ଷରେ ସହଜ ମାସିକ କିସ୍ତି ଆକାରରେ ଋଣ ଶୁଝିବେ । ଆବେଦନକାରୀଙ୍କୁଏହି ଋଣଅର୍ଥ ଉପରେ ସରକାରଙ୍କ ତରଫରୁ ସବସିଡ଼ି ପ୍ରଦାନ କରାଯିବ। ଆବେଦନକାରୀ ଆର.ଏଚ. ପୋର୍ଟାଲ ମାଧ୍ୟମରେ ଅଥବା ମୋ ସେବା କେନ୍ଦ୍ରରେ ଏନେଇ ଆବେଦନ କରିପାରିବେ। ଏହି ଯୋଜନା ନିମନ୍ତେ ଆସନ୍ତା ୧୬ ଜୁନରୁ ଆବେଦନ ଗ୍ରହଣ କରାଯିବ। ଅନୁଷ୍ଠିତ ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ନିଶି ପୁନମ ମିଞ୍ଜ, ସମେତ ଏଲ ଡି ଏମ, ସବ ରେଜିଷ୍ଟର, ଡି ଏସ ଡବ୍ଲୁ ଓ, ଡି ଏସ ଏସ ଓ, ଓ ଏଲ ଏମ, ମିଶନ ଶକ୍ତି, ସମସ୍ତ ବିଡ଼ିଓ, ତହସିଲଦାର ଓ ଜିଲ୍ଲାପରିଷଦ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

ଚାରିଗାଁ ଗ୍ରାମ ସରପଂଚଙ୍କ ସତ୍ୟପାଠର ତଦନ୍ତ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା, ୩/୦୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଚାରିଗାଁ ପଂଚାୟତର ସରପଂଚ ଭାରତୀ ମଲିକଙ୍କ ୨୦୨୨ ପଂଚାୟତ ନିର୍ବାଚନ କାଳୀନ ସତ୍ୟପାଠ ଦାଖଲକୁ ନେଇ ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏହାକୁ ନେଇ କମିଶନରଙ୍କ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ହୋଇଥିବା ଜଣାପଡିଛି । ସରପଂଚ ଭାରତୀଙ୍କ ସତ୍ୟପାଠ ମିଥ୍ୟା ବୋଲି ଅଭିଯୋଗ କରି ଚାରିଗାଁ ପଂଚାୟତ ର ସୁଶାନ୍ତ କୁମାର ସେଠୀ ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗ ମୁତାବକ ଭାରତୀଙ୍କ ସ୍ୱାମୀ ଜଣେ ପିଡବ୍ଲୁଡିର 'ଏ' କ୍ଲାସ ଠିକାଦାର ଥିବାବେଳେ ପ୍ରାୟ ୧୦ ବର୍ଷ ପୂର୍ବରୁ ଠିକାଦାରୀ ଲାଇସେନ୍ସ ହାସଲ କରି ସରକାରଙ୍କ ସହିତ ଆର୍ଥିକ କାରବାରରେ ସଂପୃକ୍ତ ଅଛନ୍ତି । ପଂଚାୟତ ନିର୍ବାଚନ ସମୟରେ ଭାରତୀ ଏହି ତଥ୍ୟକୁ ଲୁଚାଇ ସତ୍ୟପାଠ ଦେଇଥିବାରୁ ଏହାହୁ ନେଇ ସୁଶାନ୍ତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ରାଜ୍ୟ ନିର୍ବାଚନ କମିଶନରଙ୍କ ଲ' ଅଫିସର କାର୍ଯ୍ୟାଳୟ ଚିଠି ନଂ-୧୮୬୮, ତା-୨୩.୦୫.୨୦୨୩ ରିଖ ଚିଠି ମାଧ୍ୟମରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ତଦନ୍ତ କରିବା ପାଇଁନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

ଅଭାବ ଓ ଦାରିଦ୍ର୍ୟ ଭିତରେ ପଙ୍କରେ ଫୁଟିଛି ପଦ୍ମ : ଛାତ୍ର ଚିନ୍ମୟ ଗୌଡଙ୍କ ସଫଳତା

ମାଲକାନଗିରି, ୩/୦୬ (ନି.ପ୍ର): ପ୍ରତିକୂଳ ପରିସ୍ଥିତି ଯେ, ପଙ୍କରେ ପଦ୍ମର ସମ୍ଭାବନା ସୃଷ୍ଟି କରିପାରେ ତାହା କେବଳ ଆଜି ନୁହେଁ ଇତିହାସରୁ ହିଁ ପ୍ରମାଣ ମିଳେ । ଅଦମ୍ୟ ସାହସ, ଅହରହ ଉଦ୍ୟମ, ଅକ୍ଳାନ୍ତ ପରିଶ୍ରମ, ଅବିରତ ସଂଘର୍ଷ କେବଳ ଦାରିଦ୍ର୍ୟର ବେଡି ଭାଙ୍ଗି ସମସ୍ତ ଘାତ ପ୍ରତିଘାତକୁ ପଛରେ ପକାଇ ସ୍ୱପ୍ନ ସାକାରରେ ସହାୟ ହୁଏ ତାହା ପୁଣିଥରେ ଆଜି ପ୍ରମାଣ କରିଛନ୍ତି ବାଲିମେଳା ବିଜ୍ଞାପିତ ଅଂଚଳ ପରିଷଦର ଓସିସି କଲୋନୀର ଚିନ୍ମୟ ଗୌଡ । ୧୨ନଂ ୱାର୍ଡ଼ର କୁନି ଗୌଡ଼ଙ୍କ ଏକ ମାତ୍ର ପୁଅ ଚିନ୍ମୟ ଯେତେବେଳେ ଦେଢ଼ ବର୍ଷ ବୟସର ହୋଇଥାଏ ସେତେବେଳେ ବାପା ବିପିନ୍ ଗୌଡ଼ ଘର ଛାଡି କୁଆଡ଼େ ଚାଲି ଯାଆନ୍ତି । ବହୁତ୍ ଖୋଜାଖୋଜି ପରେ ସୁଦ୍ଧା ବିପିନଙ୍କ ସନ୍ଧାନ ମିଳେନି । ତେବେ ଦୁନିଆକୁ ନିଜ ଆଖିରେ ଦେଖିବା ପୂର୍ବରୁ, ସମାଜର ଚାଲି ଚଳଣିକୁ ହାତ ଧରି ବୁଝାଇବା ପୂର୍ବରୁ ବାପାଙ୍କ ଠାରୁ ଦୂରେଇ ଯିବାର ଦୁଃଖ ଓ ବାପାଙ୍କ ଅନୁଶାସନରୁ ବଂଚିତ ଚିନ୍ମୟ ମାଆଙ୍କ ସ୍ନେହ, ଆଦର ଓ ଯତ୍ନରେ ଛୋଟରୁ ବଡ଼ ହୋଇଥିବା ବେଳେ ଆଜି ମାଆଙ୍କ ଆଜୀବନର କଷ୍ଟକୁ ଏକ ପ୍ରକାରର ଲାଘବ କରିବାରେ ସକ୍ଷମ ହୋଇଛନ୍ତି । ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ଅଧ୍ୟୟନରତ ଚିନ୍ମୟ ଚଳିତ ବର୍ଷ ଅନୁଷ୍ଠାନର ଖୁବ୍ ବଳିଷ୍ଠ ଓ ସମ୍ବଳଯୁକ୍ତ ବିଜ୍ଞାନ ବିଭାଗର ସମସ୍ତ ଶିକ୍ଷାର୍ଥୀଙ୍କୁ ପଛରେ ପକାଇ ମୋଟ୍ ୬୦୦ ରୁ ୩୯୮ ମାର୍କ ରଖି ଅନୁଷ୍ଠାନର ଟପ୍ପର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି । ଦଶମ ଶ୍ରେଣୀରେ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟରୁ ୭୦ ପ୍ରତିଶତ ମାର୍କ ରଖି ଉତୀର୍ଣ୍ଣ ହେଉଥିବା ଚିନ୍ମୟ ପରିବାରର ଆର୍ଥିକ ଦୂରାବସ୍ଥା ତଥା ମାଆଙ୍କର ଏକ ମାତ୍ର ସାହାରା ହୋଇଥିବା କାରଣରୁ ଅନ୍ୟ କୌଣସି ବାହାର ଅନୁଷ୍ଠାନରେ ନାମ ଲେଖାଇବା ପୂର୍ବରୁ ନିଜ ଘର ଠାରୁ ପ୍ରାୟ ୫ କି.ମି. ଦୂରରେ ଥିବା ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ୨ ବିଜ୍ଞାନ ବିଭାଗରେ ନାମ ଲେଖାନ୍ତି। ଠିକ୍ ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ମଣି ସହ କାଂଚନର ସଂଯୋଗ ହେବା ଭଳି ବେଦାଂଶ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ୍ ର ପ୍ରତିଷ୍ଠାତା ଦେବୀ ସ୍ୱାଇଁଙ୍କ ଯୋଗାଯୋଗରେ ଚିନ୍ମୟ ଆସିବା ପରେ ଛୁଆଟିର ପଢ଼ାରେ ଆଗ୍ରହ ଦେଖି ଶ୍ରୀ ସ୍ୱାଇଁ ଅଧା ଟ୍ୟୁସନ୍ ଫି ରେ ତାଙ୍କୁ ପଢ଼ାଇବାର ପ୍ରତିଶ୍ରୁତି ଦେଇଥିଲେ । କାଳକ୍ରମେ ଇନଷ୍ଟିଚ୍ୟୁଟ୍ ର ସମସ୍ତ ଶିକ୍ଷକଙ୍କ ପ୍ରିୟଭାଜନ ହୋଇ ଚିନ୍ମୟ ପଢ଼ାରେ ବେଶ୍ ମନୋନିବେଶ କରନ୍ତି । ସେପଟେ ତାଙ୍କ ମା ଘର ପାଖ ଗୋଟିଏ ମିଠା ଦୋକାନରେ କାମ କରି ଦୁଇ ପ୍ରାଣୀ ବିଶିଷ୍ଟ ପରିବାର ପ୍ରତିପୋଷଣ ନିମନ୍ତେ ପ୍ରତିବଦ୍ଧ ଥିବା ବେଳେ ଅବସର ସମୟରେ ଦିନ ମଜୁରିଆ ହୋଇ, କାହା ବିଲରେ କାମ କରି ପୁଅର ପଢ଼ା ଖର୍ଚ୍ଚ ତୁଲାଇବା ନିମନ୍ତେ ବଦ୍ଧପରିକର ହୋଇଯାଆନ୍ତି । ତେବେ ଶେଷରେ ପରିଶ୍ରମର ମୂଲ୍ୟ କେବେ ନଷ୍ଟ ହୁଏନି ବରଂ ନିଶ୍ଚିତ ଭାବେ ଉପଯୁକ୍ତ ପ୍ରତିଦାନ ହୋଇ ଆଜି ଚିନ୍ମୟଙ୍କ କୃତିତ୍ୱ ଜରିଆରେ ସାମ୍ନାକୁ ଆସିଛି । କଠିନ ପରିଶ୍ରମ ଆଜି ଅଭାବ ଓ ଦାରିଦ୍ର୍ୟକୁ ଉପେକ୍ଷା କରି ସଫଳତାର ଶୀର୍ଷ ସ୍ଥାନ ଅଧିକାର କରାଇବାର ପ୍ରଧାନ ପରିଚାୟକ ଯେ ହୋଇଥାଏ ଏହି କାହାଣୀରେ ନୂଆ ଅଧ୍ୟାୟ ଭାବେ ଯୋଡ଼ି ହୋଇଛି ଚିନ୍ମୟଙ୍କ କାହାଣୀ । ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ମୋଟ୍ ୧୨୮ ଜଣ ଶିକ୍ଷାର୍ଥୀ ବିଜ୍ଞାନ ବିଭାଗରେ ପରୀକ୍ଷା ଦେଇଥିବା ବେଳେ ମାତ୍ର ୪୪ ଜଣ ଶିକ୍ଷାର୍ଥୀ ପାସ୍ ହୋଇଛନ୍ତି ଓ ଅବଶିଷ୍ଟ ଫେଲ୍। ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଚିନ୍ମୟ ନିଜ ସଫଳତାର ସମସ୍ତ ଶ୍ରେୟ ମାଙ୍କ ପ୍ରେରଣା ଓ ବେଦାଂଶ ଇନଷ୍ଟିଚ୍ୟୁଟ୍ ର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଥିବା ବେଳେ ଆଗାମୀ ଦିନରେ ଜଣେ ପ୍ରାଧାପକ ହୋଇ ସମାଜରେ ଦାରିଦ୍ର୍ୟତା କାରଣରୁ ବଂଚିତ ଓ ଶୋଷିତ ଛୁଆ ମାନଙ୍କ ଭବିଷ୍ୟତ ନିର୍ମାଣରେ ନିଜ ଜୀବନକୁ ଉତ୍ସର୍ଗ କରିବାରେ ନିଜକୁ ନିୟୋଜିତ କରିବେ ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି । ତେବେ ତାଙ୍କ ସଫଳତା ପାଇଁ ବର୍ତମାନ ଅଂଚଳରେ ଏକ ଖୁସିର ମାହୋଲ ତିଆରି ହୋଇଥିବା ବେଳେ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି । ତେବେ ବଣ ମଲ୍ଲୀ ବଣରେ ଫୁଟି ଝଡ଼ି ଯିବା ପୂର୍ବରୁ ତା''ର ସୁଗନ୍ଧ କେବଳ ବଣରେ ସୀମିତ ନରହି ଏହାର ମହକରେ ସମାଜକୁ ମହକାଇବା ନିମନ୍ତେ ଏକ ପ୍ରକୃଷ୍ଟ ମାଧ୍ୟମର ନିହାତି ଆବଶ୍ୟକ ରହିଥାଏ ଏଥିରେ ଦ୍ୱିମତ ନାହିଁ । ଏଣୁ ଚିନ୍ମୟଙ୍କ ଆଗାମୀ ଭବିଷ୍ୟତର ରଙ୍ଗୀନ୍ ସ୍ୱପ୍ନ ସବୁ ପୂରଣ ଦିଗରେ ଦାରିଦ୍ର୍ୟ ଏକ ଆହ୍ୱାନ ହୋଇ ଯେପରି ଠିଆ ନ ହେଉ ସେ ଦିଗରେ ମାଲକାନଗିରି ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଂଚଳର ବୁଦ୍ଧିଜୀବୀ ମାନେ ଅନୁରୋଧ କରିଛନ୍ତି । ଏହା ସହ ଚିନ୍ମୟ ଭଳି ଏକ ପ୍ରତିଭା ଆଗାମୀ ଦିନରେ ଅନ୍ୟ ଅଭାବୀ ଛାତ୍ର ଛାତ୍ରୀଙ୍କ ପାଇଁ ପ୍ରେରଣା ହୋଇପାରିବ ବୋଲି ସମାଜସେବୀ ଟୁକୁଲା ପ୍ରଧାନ, ପି.ସରୋଜିନୀ ଚନ୍ଦ୍ରନ୍, ସୁଧାସିନୀ ମହାରଣା ଓ ଅବିନାଶ ବେହେରା ପ୍ରମୁଖ ଗଣମାଧ୍ୟମରେ ପ୍ରତିକ୍ରିୟା ଦେବା ସହ ଚିନ୍ମୟଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

ହାତୀବେଶ ପ୍ରସ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୪ ଜୁନ ୨୦୨୩
email : rabibarachayan2015@gmail.com

ରବିବାର ଚୟନ

ପୃଷ୍ଠା ୩

.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ ଉପନ୍ୟାସ

ଡ.ଭାଗବତ

ବୈଦେହୀ

ଭାଗ-୬
(ପୂର୍ବ ପ୍ରକାଶିତ ଉତ୍ତାରୁ...)

'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

କାନ୍ଦିକାନ୍ଦି ଅସ୍ଥିର ହୋଇ ପଡୁଥା'ନ୍ତି ସୀତାଦେବୀ । ଚକ୍ଷୁର କଜ୍ଜଳକୁ ନେଇ ବହି ଯାଉଥିବା ଲୋତକ ଧାରକୁ ବ୍ୟର୍ଥ ହେବାକୁ ନଦେଇ ହସ୍ତପାପୁଲିରେ ତାହାକୁ ଧରି ଅଙ୍ଗୁଳିରେ ତାକୁ ଲଗାଇ ଗୃହ ଭିତର କାନ୍ଥରେ ସେ ଲେଖି ବସିଲେ ରାମ ନାମ । ରାମ, ରାମ, ରାମରେ ପୂର୍ଣ୍ଣ କରିଦେଲେ କୁଡ଼ିଆ ଭିତରର କାନ୍ଥକୁ ।

ସୀତାଙ୍କୁ ସ୍ନାନ କରାଇବାକୁ ନେବାପାଇଁ ଆସିଥିବା ମୁନିକନ୍ୟାମାନେ ତାଙ୍କର ଏତାଦୃଶ କାର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଏ କି ବିଚିତ୍ର କାର୍ଯ୍ୟ । କୋଠରି ଭିତରେ କାନ୍ଥରେ ତିଳପ୍ରମାଣ ସ୍ଥାନ ନାହିଁ । ସର୍ବତ୍ର ରାମ ନାମ ଲେଖା ହୋଇଯାଇଛି । ସେହି ରାମ ନାମ ଉପରେ ମଥା ପିଟି କାନ୍ଦୁଛନ୍ତି ଦେବୀ ସୀତା । ମୁନିକନ୍ୟାଗଣ ଏ ଦୃଶ୍ୟ ଦେଖି ଭରସି ସୀତାଙ୍କୁ କିଛି କହିନପାରି, ଧାଇଁ ଯାଇ ସନ୍ନ୍ୟାସିନୀ ଅନୁକମ୍ପାକୁ ଡାକି ଆଣିଥିଲେ। ସୀତାଙ୍କର ଏତାଦୃଶ କାର୍ଯ୍ୟ ଦେଖି ଅନୁକମ୍ପା ଯାଇ ତାଙ୍କୁ କୋଳ କରି ନେଇ କହିଥିଲେ, "ମା' ସୀତେ! ଯେତେ ଅଶ୍ରୁ ବର୍ଜନ କଲେ ବି ନିୟତି ତା ଗତିପଥକୁ ବଦଳାଇ ଦେବନାହିଁ ମା' । ସ୍ୱାମୀ ଚିନ୍ତାରେ ତୁମେ ଅତ୍ୟନ୍ତ ମ୍ରିୟମାଣ । ଏ କାନ୍ଥରେ ଲେଖିଥିବା ରାମ ନାମ ତୁମ ପତିଭକ୍ତିର ଜୟଗାନ କରୁଛି । ତୁମେ ପତିବ୍ରତା ଶିରୋମଣି ମା' । କେବଳ ଏହି ତ୍ରେତୟା ଯୁଗରେ ନୁହେଁ ଯୁଗଯୁଗ ପାଇଁ ନାରୀ ସମାଜ ତୁମ ପତିବ୍ରତାର ଗୁଣକୁ ସ୍ମରଣ କରୁଥିବ । ଧନ୍ୟ ତୁମେ ରାମାବାମା ଜାନକୀ। ଧନ୍ୟ ତୁମର ପତିପରାୟଣତା । ମୁନିକୁମାରୀଗଣ! ଏ ଗୃହ ସଫା କଲାବେଳେ, ଏ କାନ୍ଥରେ ଲିଖିତ ରାମନାମକୁ କେବେବି ଲିଭେଇବାକୁ ଚେଷ୍ଟା କରିବ ନାହିଁ । ଏବେ ତୁମେମାନେ ସୀତାଙ୍କ ହସ୍ତଧରି ତାଙ୍କୁ ସ୍ନାନ ପାଇଁ ତମସାକୁ ନେଇଯାଅ ।"

ଅନୁକମ୍ପାଙ୍କ କଥାମାନି ମୁନିକନ୍ୟା ମାନେ ସୀତାଙ୍କ ହସ୍ତଧରି କୁଟୀର ବାହାରକୁ ନେଇ ଆସିଥିଲେ । କୁଟୀର ବାହାରେ ପାଦ ରଖି ଚମକି ଉଠିଥିଲେ ସୀତାଦେବୀ । ଏ କ'ଣ ? କାହା ଉପରେ ପାଦ ରଖୁଛନ୍ତି ସେ । ତଳକୁ ଅନାଇଲେ ଦେବୀ । ରାସ୍ତା ଉପରେ ବିଛେଇ ହୋଇ ପଡ଼ିଛି ରାଶିରାଶି ଫୁଲ । ମାନବୀଟିଏ ହୋଇ ସେ ଫୁଲ ଉପରେ ପାଦରଖି ଚାଲିବେ କେମିତି ? ପୁଷ୍ପଦେବତାଙ୍କ ମସ୍ତକରେ ଶୋଭନୀୟ । ମାନବ ମାନବୀଙ୍କ ପାଦ ଫୁଲ ଉପରେ ପଡ଼ିବ କେମିତି ? ମୁନିକନ୍ୟାଗଣଙ୍କୁ ଅନାଇ ସୀତା କହିଥିଲେ, "ଏ ରାସ୍ତାରେ ଏତେ ଫୁଲ କାହିଁକି ? ତୁମେମାନେ କ'ଣ ରାସ୍ତାରେ ଏ ଫୁଲ ବିଛାଇଛ ?"

ନାଁ ଦେବୀ ଆମେ କାହିଁକି ଫୁଲ ବିଛାଇବୁ । ଏ ଫୁଲ ସବୁ ବୃକ୍ଷଲତାରୁ ଖସି ତଳେ ପଡ଼ିଛନ୍ତି । ଏଇ ଦେଖନ୍ତୁ ଦେବୀ ପବନରେ ଫୁଲସବୁ ଉଡ଼ି ଆସି ଏ ରାସ୍ତାରେ କେମିତି ବିଛେଇ ହୋଇ ପଡୁଛି । ଉପରକୁ ଚାହିଁ ଦେଖନ୍ତୁ ତନ୍ତୁବାୟର ଜାଲ ସବୁରେ ଫୁଲମାନ ଲାଗି କେମିତି ଫୁଲ ଚାନ୍ଦୁଆର ଭ୍ରମ ସୃଷ୍ଟି କରୁଛନ୍ତି । ଆଶ୍ରମ ପ୍ରକୃତି ଆପଣଙ୍କୁ ସ୍ୱାଗତ କରୁଛି ଦେବୀ । ପ୍ରତ୍ୟହ ପ୍ରଭାତରେ ଫୁଲ ସବୁ ଆମ ଆଶ୍ରମରେ ବିଛେଇ ହୋଇ ପଡ଼ିଥାଏ । ଆଜି କିନ୍ତୁ ଆପଣଙ୍କୁ ସ୍ୱାଗତ କରିବାପାଇଁ ପ୍ରକୃତି ଆପଣଙ୍କ ପଥରେ ଫୁଲ ଅଜାଡ଼ି ଦେଇଛି । ଆପଣ ମନରେ କିଛି ଭାବନ୍ତୁ ନାହିଁ ଦେବୀ । ଧୀରେଧୀରେ ପାଦରେ ଚାଲି ଆମ ସହିତ ଚାଲନ୍ତୁ ।

ମୁନିକନ୍ୟାଙ୍କ ସହ ଆଗେଇ ଯାଉଯାଉ ସୀତାଦେବୀ ଦେଖିଲେ ତାଙ୍କ ସହିତ ପାଦ ମିଳାଇ ରାସ୍ତାର ବେନିପାର୍ଶ୍ୱରେ ଆଶ୍ରମ ପାଳିତ ମୃଗଶାବକ, ବାଛୁରୀମାନେ ଧାଡ଼ି ବାନ୍ଧି ଚାଲିଛନ୍ତି । ବୃକ୍ଷଡାଳରେ ଏ ଡାଳରୁ ସେ ଡାଳକୁ ଡେଇଁ ପକ୍ଷୀମାନେ କାକଳି ସୃଷ୍ଟିକରି ତାଙ୍କ ସହିତ ଉଡ଼ିଉଡ଼ି ଯାଉଛନ୍ତି । ଆଶ୍ଚର୍ଯ୍ୟ ହୋଇଗଲେ ସୀତାଦେବୀ । ସେ ଆଶ୍ରମରେ ମାତ୍ର ଗୋଟାଏ ରାତି ବିତାଇଛନ୍ତି । ଏମାନେ ତାଙ୍କୁ ଜାଣିଲେ କିପରି ? ପଶୁପକ୍ଷୀ ଏମାନେ । ସୀତାଙ୍କୁ ଏମାନେ ଏତେ ମନଭରି ଭଲ ପାଉଛନ୍ତି କାହିଁକି ? ମୃଗଶିଶୁଗଣ ତାଙ୍କ ପାଦ ସହିତ ପାଦ ମିଳାଇ ଚାଲୁଛନ୍ତି । କୌତୁହଳରେ ସେ ଦୁଇଟି ମୃଗଶିଶୁକୁ ତୋଳି ନେଇ କୋଳରେ ପୂରାଇ ଗେହ୍ଲା କରୁଥିବା ବେଳେ ଆଉ କିଛି ମୃଗଶିଶୁ ତାଙ୍କୁ ସଜଳ ନୟନରେ ଅନାଇ ରହିଥା'ନ୍ତି । ତାଙ୍କର ମଧ୍ୟ ଆଶା ମାତା ସୀତା ଆମକୁ ତୋଳିନେଇ ଏମିତି ସ୍ନେହ କରନ୍ତେକି ?

ଏତେ ଦୁଃଖରେ ବି ନହସି ରହିପାରିଲେ ନାହିଁ ସୀତାଦେବୀ । ଅଧରରେ ସ୍ମିତହାସ ପ୍ରକାଶ କରି ସେ କହିଥିଲେ, "ଆଜିଠାରୁ ମୁଁ ତୁମ ସମସ୍ତଙ୍କର ଜନନୀ । ଆମେ ଏକାଠି ଖେଳିବା, ବୁଲିବା, ଆଶ୍ରମର ସବୁ କାମ କରିବା ।"

ମୁନିକନ୍ୟାମାନେ ସୀତାଙ୍କୁ ଆଣି ତମସା କୂଳରେ ପହଞ୍ଚାଇ ଦେଇଥିଲେ । କୁଳୁକୁଳୁ ହୋଇ ମଧୁର ସଂଗୀତ ଗାଇ ବହିଯାଉଛି ତମସା ନଦୀ । ତମସାର ଆନନ୍ଦ ଆଜି କହିଲେ ନସରେ । ଜଗତଜନନୀ, ରାମହୃଦୟ ଲକ୍ଷ୍ମୀ, ସୀତାଦେବୀ ଆଜିଠାରୁ ତା' ବକ୍ଷରେ ସ୍ନାନ କରିବେ । ତା'ଠାରୁ ପୁଣ୍ୟବତୀ ନଦୀ ଆଉ କିଏ ଏ ଧରାରେ ଅଛି ? ପ୍ରତ୍ୟହ ସେ ଧୋଇଦେବ ଜଗତଜନନୀଙ୍କ ପାଦ । ତାର କୋମଳ, ଶୀତଳ ଜଳକଣାରେ ସେ ସ୍ନାନ କରାଇଦେବ ମାତାଙ୍କୁ । ମୁନିକନ୍ୟାମାନେ ସୀତାଙ୍କୁ ନେଇ ନଦୀଘାଟରେ ପହଞ୍ଚାଇ ଦେବା କ୍ଷଣି ଲହଡ଼ି ଛଳରେ କୂଳକୁ ମାଡ଼ିଆସି ତମସା ଧୋଇ ଦେଇଥିଲା ସୀତାଙ୍କ ପାଦ । ନଦୀବକ୍ଷରେ ଭାସିଯାଉଥିବା ଫୁଲର ଆଞ୍ଜୁଳା ଧରି ସୀତାଦେବୀଙ୍କ ପାଦ ଧୋଇ ତମସା ନିଜକୁ ଧନ୍ୟ ମନେକଲା ।

ମୁନିକନ୍ୟାମାନେ ନଦୀଘାଟରେ ସୀତାଙ୍କ ଅଙ୍ଗରେ ହଳଦୀ, ଚନ୍ଦନ, ଲହୁଣୀର ପ୍ରଲେପ ଦେଇ ସ୍ନାନକରାଇ ତପସ୍ୱିନୀର ବେଶରେ ସଜାଇ ଦେଇଥିଲେ ତାଙ୍କୁ । ପିନ୍ଧାଇ ଦେଇଥିଲେ ତପସ୍ୱିନୀର ବସ୍ତ୍ର । ବକ୍ଷଦେଶରେ ଲମ୍ବାଇଦେଲେ ବନପୁଷ୍ପର ହାର । ହସ୍ତ ପଦରେ ଲଗାଇଦେଲେ ପୁଷ୍ପର ଅଳଙ୍କାର । ଗଭାରେ ଖୋସିଦେଲେ ନାନା ଜାତିର ଧବଳ ପୁଷ୍ପ । ମୁଣ୍ଡରେ ଚନ୍ଦନର ତିଳକ ଲଗାଇବାକୁ ଯାଉଥିବାବେଳେ ମୁନିକୁମାରୀଙ୍କ ହସ୍ତଧରି ନେଇ ସୀତାଦେବୀ କହିଥିଲେ, ମୁନିକନ୍ୟାଗଣ ତୁମର ସମସ୍ତ ବେଶ, ପୋଷାକ, ପୁଷ୍ପାଳଙ୍କାର ମୁଁ ଗ୍ରହଣ କଲି । କିନ୍ତୁ ତୁମେମାନେ ମୋ ମସ୍ତକରେ ଚନ୍ଦନର ତିଳକ ଦିଅନାହିଁ । ସଧବା ନାରୀ ମୁଁ । ମୋ ମସ୍ତକର ତିଳକ, ମୋ ସୀମନ୍ତର ସନ୍ତକ, ମୋ ସ୍ୱାମୀ ରାମଚନ୍ଦ୍ର । ତାଙ୍କ ନାମଧରି ତାଙ୍କ ଛୁଆଁ ସିନ୍ଦୂର ମୁଁ ତିଳକ କରି, ସିନ୍ଥିରେ ଧାରଣ କରିବି । ଆଶ୍ରମ ଦର୍ଶନରେ ଆସିବାବେଳେ ପ୍ରଭୁଙ୍କ ହାତଛୁଆଁ ସିନ୍ଦୂର ଫରୁଆ ମୁଁ ନେଇ ଆସିଛି । ମୋତେ ଆଶ୍ରମର କୁଟୀର ମଧ୍ୟକୁ ନେଇଚାଲ । ମୁଁ ମସ୍ତକରେ ସିନ୍ଦୂର ଧାରଣ କରିବି । ସ୍ନାନପରେ ସଖୀମାନେ ସୀତାଙ୍କୁ ଆଶ୍ରମର କୁଟୀରକୁ ନେଇ ଆସିଥିଲେ । କୁଟୀର ଭିତରେ ମସ୍ତକରେ ସିନ୍ଦୂରର ତିଳକ, ସୀମନ୍ତରେ ସିନ୍ଦୂର ଲଗାଇ ସୀତାଦେବୀ ରାମନାମ ତୁଣ୍ଡରେ ଉଚ୍ଚାରଣ କରି, ଚକ୍ଷୁବୁଜି ଭଗବାନ ରାମଚନ୍ଦ୍ରଙ୍କୁ ଆଭୂମ ପ୍ରଣାମ କରିସାରିବା ପରେ, ମୁନିକୁମାରୀମାନେ ତାଙ୍କୁ ଆଣି ଆଶ୍ରମର ଏକ ବଉଳ ବେଦୀ ମୂଳରେ ବସାଇ ଦେଇଥିଲେ । ଫୁଲ ଫୁଲରେ ସଜା ହୋଇଛି ବଉଳବେଦୀ । ତପସ୍ୱିନୀ ସୀତା ସେହି ବେଦୀ ଉପରେ ବସନ୍ତେ ତାଙ୍କୁ ଚାରିପାରୁଶରୁ ବେଢ଼ି ଯାଇଥିଲେ ଆଶ୍ରମ ପାଳିତ ମୃଗ, ମୃଗୀ, ଗାଈ, ବାଛୁରୀ, ମର୍କଟ, ମର୍କଟୀ ଆଜି ପଶୁଗଣ ସହିତ ମୟୂର, ମୟୂରୀ, କପୋତ, କପୋତୀ କୋକିଳ, କୁମ୍ଭାଟୁଆ ଆଦି ପକ୍ଷୀଗଣ। ଏ କି ଅପୂର୍ବ ଦୃଶ୍ୟ ଆଜି ଦେଖୁଛନ୍ତି ସେମାନେ । ଆଶ୍ରମରେ ଆଜି ନୂତନ ତପସ୍ୱିନୀ ମାତା । କି ଅପୂର୍ବ ରୂପ ଶୋଭା ଏ ମାତାଙ୍କର।

(କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର

ଦୃଷ୍ଟିପାତ

ରବୀନ୍ଦ୍ରନାଥଙ୍କ ଶ୍ରେଷ୍ଠ ସୃଷ୍ଟି: ଶାନ୍ତିନିକେତନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଯେକୌଣସି କବି ଲେଖକଙ୍କ ସାହିତ୍ୟ ସୃଷ୍ଟିକୁ ଯେପରି ଶ୍ରେଷ୍ଠ ସମ୍ମାନ ଦିଆଯାଇଥାଏ, ଠିକ୍ ସେହି ଦୃଷ୍ଟିରୁ ତାଙ୍କ ଜୀବନର ଅନ୍ୟାନ୍ୟ ଦିଗକୁ ଗୁରୁତ୍ୱର ସହିତ ବିଚାରକୁ ନିଆଯାଏ ନାହିଁ । କବି ଲେଖକଙ୍କ ଜୀବନ ଧାରାରେ ଯେଉଁ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ, ତାହାକୁ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିବା ହେଉଛି ସାହିତ୍ୟ ସମାଲୋଚକମାନଙ୍କ ସକାଶେ ଏକ ବିରାଟ ଆହ୍ୱାନ । ଯେଉଁ ମହାନ୍ ସାହିତ୍ୟ ଶିଳ୍ପୀଙ୍କ ବିଷୟରେ ଆଲୋଚନା କରିବାକୁ ଯାଉଛୁ, ଏ କ୍ଷେତ୍ରରେ ତାହା ଯେ କେତେ ମହତ୍ତ୍ୱପୂର୍ଣ୍ଣ ସେ କଥା ପାଠକମାନେ ସ୍ୱତଃ ଉପଲବ୍ଧି କରିପାରିବେ ନିଶ୍ଚୟ ।

ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଶ୍ରେଷ୍ଠ ସୃଷ୍ଟି ହେଉଛି 'ଗୀତାଞ୍ଜଳି' । ଏହା ୧୯୧୩ ମସିହାରେ ନୋବେଲ ପୁରସ୍କାର ଲାଭ କରିଥିବା କିଏ ବା ନଜାଣେ ! ଏ ପ୍ରସଙ୍ଗରେ ରବୀନ୍ଦ୍ରଙ୍କ ଗୀତାଞ୍ଜଳିର ସୁଗଭୀର ପ୍ରଭାବ ସମଗ୍ର ଦେଶବାସୀ ଅନୁଭବ କରି ଆସିଛନ୍ତି । ମାତ୍ର ରବୀନ୍ଦ୍ରନାଥଙ୍କ ସମଗ୍ର ଜୀବନକାଳକୁ ଯଦି ବିଚାରକୁ ନିଆଯାଏ ଏବଂ ତାଙ୍କ କାର୍ଯ୍ୟାବଳୀର ଉପଯୁକ୍ତ ସମୀକ୍ଷା କରାଯାଏ ତେବେ 'ଶାନ୍ତି ନିକେତନ' ତାଙ୍କର ଯେ ସମଗ୍ର ପୃଥିବୀ ପ୍ରତି ଏକ ମହତ୍ତ୍ୱର ଅବଦାନ- ଏହାକୁ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିବେ । ଯାହା କାଗଜ କଲମରେ ଲେଖାହୁଏ, ତାହାକୁ ହିଁ କାବ୍ୟ କବିତା କିମ୍ବା ଗଳ୍ପ, ଉପନ୍ୟାସ ବୋଲି ଏପର୍ଯ୍ୟନ୍ତ ଆମେ ଚିନ୍ତା କରି ଆସିଛୁ । କାଗଜ କଲମର ସହାୟତା ନନେଇ ମଧ୍ୟ ଯେ ସାହିତ୍ୟ ସର୍ଜନା ସମ୍ଭବ ଏହା ଏପର୍ଯ୍ୟନ୍ତ ନିର୍ଣ୍ଣୟ କରାଯାଉ ପାରିନାହିଁ । ବିଶ୍ୱକବି ରବୀନ୍ଦ୍ରନାଥଙ୍କ ସୃଜନଦୀପ୍ତ ବକ୍ଷସ୍ଥଳରୁ ଯେଉଁ ମହାନ୍ ଶିକ୍ଷାନୁଷ୍ଠାନର ଜନ୍ମ ସଂଘଟିତ ହୋଇଛି, ତାହା ହେଲା 'ଶାନ୍ତିନିକେତନ'। ଏହି ବିଶାଳ ଶିକ୍ଷା ପ୍ରତିଷ୍ଠାନ ନିର୍ମାଣରେ ରବୀନ୍ଦ୍ରନାଥ ଯେଉଁ ରକ୍ତ, ଅଶ୍ରୁ ଓ ସ୍ୱେଦ ତର୍ପଣ କରିଛନ୍ତି ତାହାକୁ ପ୍ରତ୍ୟକ୍ଷ ଭାବରେ ଦେଖି ପାରିବା ଆଜି ସମ୍ଭବ ନୁହେଁ । କିନ୍ତୁ ଶାନ୍ତି ନିକେତନର ବିଶାଳ ପରିସର ମଧ୍ୟକୁ ଯେଉଁମାନେ ପ୍ରବେଶ କରିପାରିଛନ୍ତି, ସେମାନେ ଏହାର ପ୍ରତିଟି ଧୂଳିକଣା ମଧ୍ୟରେ ଶୁଣି ପାରିଛନ୍ତି ରବୀନ୍ଦ୍ର ସଙ୍ଗୀତର ଅପୂର୍ବ ଝଙ୍କାର । ଶାନ୍ତିନିକେତନର ଏମିତି କୌଣସି ସ୍ଥାନ ନାହିଁ ଯେଉଁଠି ରବୀନ୍ଦ୍ର ଅନୁପସ୍ଥିତ । ଏଠାକାର ସୁବିଶାଳ ଆମ୍ରବୃକ୍ଷ ବା ଶାଳବିଧି ହେଉ କିମ୍ବା ଉତ୍ତରାୟଣର ପ୍ରେରଣାପୂର୍ଣ୍ଣ ପରିବେଶ ସମସ୍ତ ସ୍ଥାନରେ ରବୀନ୍ଦ୍ର- ସ୍ମୃତି ଉଜ୍ଜୀବିତ ହୋଇ ରହିଛି । ବର୍ତ୍ତମାନ ମଧ୍ୟ ଶାନ୍ତି ନିକେତନ ସମଗ୍ର ଦେଶ ଓ ପୃଥିବୀକୁ ଯେଉଁ ମୈତ୍ରୀଭାବରେ ସନ୍ଦେଶ ଦେଉଛି ତାହା ଅସାମାନ୍ୟ ସୌନ୍ଦର୍ଯ୍ୟର ଚିରନ୍ତନ ସଂକେତ। ଗଭୀର ଅନ୍ତର୍ଦୃଷ୍ଟି ନେଇ ଦେଖିଲେ ଅନୁଭବ କରିହୁଏ ଯେ ଶାନ୍ତି ନିକେତନ ଏକ ଅସରନ୍ତି ମହାକାବ୍ୟ । 'ଗୀତାଞ୍ଜଳି' ରବୀନ୍ଦ୍ରଙ୍କ ଶ୍ରେଷ୍ଠ କବିତା ଗୁଡ଼ିକର ଏକ ପ୍ରାଣସ୍ପର୍ଶୀ ସଂକଳନ । ଆଉ ଶାନ୍ତିନିକେତନ ହେଉଛି ତାଙ୍କର ସୁଷମାମଣ୍ଡିତ ମହାକାବ୍ୟ । ଏହି ଉଭୟ ସୃଷ୍ଟି ମଧ୍ୟରେ ତୁଳନା କରିପାରିଲେ ଗୋଟିଏ ଅନ୍ତର୍ସତ୍ୟ ଉନ୍ମୋଚିତ ହୋଇଯିବ ଯେ ଶାନ୍ତି ନିକେତନ ରବୀନ୍ଦ୍ରନାଥଙ୍କ ଜୀବନର ସବୁଠାରୁ ଶ୍ରେଷ୍ଠ ଅବଦାନ ଓ ଈଶ୍ୱରଙ୍କ ପ୍ରତି ଭକ୍ତିପୂର୍ଣ୍ଣ ନିବେଦନ ।

'ଗୀତାଞ୍ଜଳି' କାଗଜ କଲମ ସାହାଯ୍ୟରେ ଲିଖିତ କବିତା । ଶାନ୍ତିନିକେତନ ନିର୍ମାଣରେ ସେହିପରି ଲେଖନୀ ଚାଳନା ହୋଇପାରି ନାହିଁ । ହେବା ମଧ୍ୟ ସମ୍ଭବ ନୁହେଁ । ଏହି ପରିପ୍ରେକ୍ଷୀରେ ଏକ ନିଷ୍ପକ୍ଷ ବିଚାର ଯଦି କରିପାରିବା ହେବ ସମ୍ଭବ; ତା' ହେଲେ ଗୀତାଞ୍ଜଳି ଠାରୁ ଶାନ୍ତି ନିକେତନ ଯେ ଅଧିକ ପ୍ରଭାବ ଉଦ୍ଦୀପ୍ତ ଏହା ସ୍ୱତଃ ପ୍ରମାଣିତ ହୋଇଯିବ ନିଶ୍ଚୟ । ପୁସ୍ତକ ମଧ୍ୟରେ ପ୍ରବେଶ କରିନ ପାରିଲେ 'ଗୀତାଞ୍ଜଳି'ର ମାଧୁର୍ଯ୍ୟ ଜଣେ ଅନୁଭବ କରିପାରିବେ ନାହିଁ । ଅପରପକ୍ଷରେ ଶାନ୍ତିନିକେତନ ମଧ୍ୟକୁ ପ୍ରବେଶ କରି ପାରିବା ରବୀନ୍ଦ୍ର- ଅନ୍ତରର ଅତ୍ୟନ୍ତ ନିକଟତ ବୋଲି ଯେ କେହି ଅନୁଭବ କରିପାରିବେ। ରବୀନ୍ଦ୍ରଙ୍କ ଅନ୍ତରାତ୍ମାର ଅନ୍ତର୍ଭେଦୀ ଅଭିବ୍ୟକ୍ତି ହେଉଛି ଶାନ୍ତିନିକେତନ । ସମଗ୍ର ବିଶ୍ୱକୁ ଗୋଟିଏ ନୀଡ଼ ମଧ୍ୟରେ ପ୍ରତିଫଳିତ କରିବାର ଯେଉଁ କାବ୍ୟିକ ପ୍ରଚେଷ୍ଟା ବିଶ୍ୱକବି କରିଛନ୍ତି, ତାହା ଅନନ୍ୟ ଓ ଅତୁଳନୀୟ । ଭାରତୀୟ ଋଷି ଆଶ୍ରମର ନିର୍ମଳତା ଓ ପବିତ୍ରତା ଏହାର ପରିବେଶରେ ସୁସଂରକ୍ଷିତ । ଋଷି କଣ୍ଠର ଚିରନ୍ତନ ବାଣୀ ଏହାର ଗଗନ ପବନରେ ଧ୍ୱନିତ ଓ ପ୍ରତିଧ୍ୱନିତ ହେଉଛି ନିୟତ । ଯେଉଁ ଆଧ୍ୟାତ୍ମିକ ଉପଲବ୍ଧିରେ 'ଗୀତାଞ୍ଜଳି' ହୋଇ ଉଠିଛି ସମୃଦ୍ଧଶାଳୀ ସେହି ଈଶ୍ୱରାନୁରାଗରେ ସ୍ପନ୍ଦିତ ଏ ପବିତ୍ର ଭୂମି। ରବୀନ୍ଦ୍ରଙ୍କ ଉଚ୍ଚତର କଳ୍ପନାର ବାସ୍ତବ ରୂପାୟନ ହେଉଛି ଶାନ୍ତି ନିକେତନ । କବିର କଳ୍ପନା କାଗଜରେ ଯେତେବେଳେ ରୂପାୟିତ ହୋଇଥାଏ ଓ ପୁସ୍ତକାକାରରେ ତାହା ପ୍ରକାଶ ଲାଭ କରେ ସେତେବେଳେ ତାହାକୁ ଅର୍ପଣ କରାଯାଏ ସାହିତ୍ୟର ଗୌରବ । କବି-ମାନସରୁ ସଂଜାତ ଏକ ସୁଦୃଶ୍ୟ ଗୃହଟିଏ କ'ଣ କବିତାଠାରୁ କ'ଣ ଆବେଦନ -କ୍ଷମ? ସେହିପରି ମହାକବିର ମହାନ୍ କଳ୍ପନା ଓ ଯୋଜନା ଯଦି ହୁଏ ବାସ୍ତବତାରେ ପରିଣତ ତାହାକୁ ମହାକାବ୍ୟ ବୋଲି ଅଭିହିତ କରିବା କେଉଁ ଦୃଷ୍ଟିରୁ ହୋଇପାରେ ଅଯୁକ୍ତିକର ?

ରବୀନ୍ଦ୍ରଙ୍କ ଦ୍ୱାରା ଲିଖିତ କବିତା ପାଠକ ପ୍ରାଣକୁ ଯେପରି ବିଭୋରତାରେ ଆଚ୍ଛନ୍ନ କରିଦିଏ, ସେହିପରି ତାଙ୍କର ଶାନ୍ତି ନିକେତନର ଛାୟାଚ୍ଛନ୍ନ ପରିବେଶ ଦର୍ଶକଙ୍କୁ ନେଇଯାଏ ଭିନ୍ନ ଏକ ଭାବ-ରାଜ୍ୟକୁ । ଏହି ଶିକ୍ଷାୟତନକୁ ଅଧ୍ୟୟନ କରିପାରିବେ । ଏଠାରେ ଦଣ୍ଡାୟମାନ ପ୍ରତିଟି ସବୁଶାଳ ବୃକ୍ଷର ସବୁଜ ପତ୍ରରେ, କୋଇଲିର କୁହୁତାନରେ, ନାନା ଜାତିର ରଙ୍ଗ ବେରଙ୍ଗର ପୁଷ୍ପ ପାଖୁଡ଼ା ପ୍ରସ୍ଫୁଟନରେ ।

ଶାନ୍ତିନିକେତନକୁ ପରିଦର୍ଶକ ଭାବରେ ଯେଉଁ ସହସ୍ର ସହସ୍ର ଲୋକଙ୍କ ଶୁଭାନୁଗମନ ହୁଏ ସେମାନେ ସମସ୍ତେ 'ଗୀତାଞ୍ଜଳି'ର ସୁପାଠକ ନୁହଁନ୍ତି । ସେମାନେ ରବୀନ୍ଦ୍ର- ରଚିତ ଶାନ୍ତି ନିକେତନ ମହାକାବ୍ୟର ହେଉଛନ୍ତି ପ୍ରତ୍ୟକ୍ଷ ପାଠକ । ଏହାରି ମଧ୍ୟରେ ସେମାନେ ଅନୁସନ୍ଧାନ କରିଥାନ୍ତି ରବୀନ୍ଦ୍ର ପ୍ରତିଭାର ବିପୁଳ ମାଧୁର୍ଯ୍ୟ । ତା'ହେଲେ ଶାନ୍ତିନିକେତନକୁ ବାଦ୍ ଦେଇ ରବୀନ୍ଦ୍ର ପ୍ରତିଭାର ବିଚାର ବିମର୍ଶ ସମ୍ଭବ କି? ରବୀନ୍ଦ୍ରଙ୍କ ବିଶାଳ ସାହିତ୍ୟ କୃତି ମଧ୍ୟରେ ଶାନ୍ତି ନିକେତନକୁ ସଂଯୁକ୍ତ କରିଦେଇ ପାରିଲେ ହିଁ ରବୀନ୍ଦ୍ରଙ୍କ ସାମଗ୍ରିକ ସାହିତ୍ୟିକ ଅବଦାନର ଅନୁଶୀଳନ କରିବା ସମ୍ଭବ ହୋଇଥାଏ । ଏହି କାରଣରୁ ପ୍ରଥମରୁ କୁହାଯାଇଛି ଯେ ଜଣେ କବି ବା ଲେଖକଙ୍କ ଜୀବନଧାରାରୁ ତାଙ୍କୁ ବିଚ୍ୟୁତ କରି ଆଲୋଚନା କରିବା ଆଦୌ ସମ୍ଭବ ନୁହେଁ । ଅଧିକାଂଶ ପାଠକ ହେଉଛନ୍ତି ଦର୍ଶକ ଭୂମିକାରେ ଅବତୀର୍ଣ୍ଣ । ସେମାନେ କୌଣସି କବି ଲେଖକଙ୍କ କବିତା ପଢ଼ିବା ପୂର୍ବରୁ ତାଙ୍କ ଜୀବନ- ଗ୍ରନ୍ଥକୁ ଅଧ୍ୟୟନ କରି ନିଅନ୍ତି ଅତି ନିକଟରୁ ଓ ସାହିତ୍ୟ ପୁସ୍ତକ ପାଠ ନକରି ମଧ୍ୟ ଜାଣିପାରନ୍ତି କବିଙ୍କ ସାହିତ୍ୟ ବ୍ୟକ୍ତିତ୍ୱର ପ୍ରକୃତ ମହତ୍ତ୍ୱ । ଜଣେ କବି ବା ଲେଖକ ତେଣୁ ନିଜ ଜୀବନ କାଳ ମଧ୍ୟରେ ଯେତିକି କାର୍ଯ୍ୟ ସମ୍ପାଦନା କରିଥାଏ ସେଥିରେ ଲେଖା ହୋଇଥାଏ ଅଦୃଶ୍ୟ କବିତା। ଯାହା ପୁସ୍ତକ ଆକାରରେ ପ୍ରକାଶିତ ହେବା ପରେ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୪ ଜୁନ ୨୦୨୩

ଦରଜି ...ସେ ଦିନରୁ ଆଜି.

ବିପିନ ବିହାରୀ ରାଉତ

ଆଜି ଦରଜି ଦିବସ। ଏହି ଦିବସ ପାଳନ ଅବସରରେ ଏହି ପେସାର ଇତିହାସ ବାବଦରେ କେତେକ ଜଣା ଅଜଣା କଥା ଜାଣିବା ହେଉ। ଲଜ୍ଜା ନିବାରଣ ବା ଗୋପନୀୟ ଅଙ୍ଗ ଢ଼ାଙ୍କିବା ପାଇଁ ତଥା ଖରା ତାତି ଓ ଥଣ୍ଡାରୁ ରକ୍ଷା ପାଇବା ଲାଗି ପୋଷାକର ବ୍ୟବହାର ବହୁତ ପ୍ରାଚୀନ। ପରେ ମଣିଷ ସୁନ୍ଦର ଦିଶିବା ପାଇଁ ପୋଷାକକୁ ବିଭିନ୍ନ ରୂପ ଦେବା ଆରମ୍ଭ କଲା। ପ୍ରଥମେ ମଣିଷ ନିଜ ପାଇଁ ନିଜେ ଏହି କାର୍ଯ୍ୟ କରୁଥିଲା। ତାହାପରେ ପେସାଦାରଙ୍କ ସୃଷ୍ଟି ହେଲା। ଆଧୁନିକ ପେସାଦାର ଦରଜିର ସୃଷ୍ଟି ଦ୍ୱାଦଶ ଶତାବ୍ଦୀର ଘଟନା। ଟେଲର ଶବ୍ଦ ୧୨୯୭ରେ ପ୍ରଥମ ଥର ଇଂରେଜୀ ଶବ୍ଦକୋଷରେ ସ୍ଥାନ ପାଇଥିଲା। ଏହା ମୂଳତଃ ଏକ ଆଙ୍ଗଲୋ ନର୍ମାନ ଫ୍ରେଞ୍ଚ ଶବ୍ଦ, ଯାହାର ଅର୍ଥ କର୍ତ୍ତକ। ବିଶ୍ୱର ପ୍ରଥମ ଆଧୁନିକ ଦରଜି ଦୋକାନର ନାମ ଥିଲା ହେନରି ଫୁଲ ଆଣ୍ଡ କୋ। ଷୋଡ଼ଶ ଶତାବ୍ଦୀରେ ପେସାଦାର ଦରଜି ବନିବା ପାଇଁ ସାତ ବର୍ଷ ତାଲିମ ନେବାକୁ ପଡୁଥିଲା। ଦରଜି ବିଦ୍ୟା ଉପରେ ପ୍ରଥମ ପୁସ୍ତକ ୧୭୯୬ରେ ପ୍ରକାଶ ପାଇଥିଲା ନାମ ଥିଲା ଦ ଟେଲର୍ସ କଂପଲିଟ ଗାଇଡ଼।

ତେବେ ବର୍ତ୍ତମାନର ଦୁନିଆର ରୀତିନୀତି ଓ ଆଦର କାଇଦାକୁ ଦେଖିଲେ ଜଣାଯାଏ ପୂର୍ବ ସମୟର ପାରମ୍ପରିକ ଦରଜି ପୋଷାକ ବହୁତ କମି ଆସିଲାଣି। ବଜାରରେ ବିରାଟ ବିରାଟ ବଡ଼ ସପିଂ ମଲରେ ନିଜ ମନ ପସନ୍ଦ, ରଙ୍ଗବେରଙ୍ଗ, ଚାହିଦା ମୁତାବକ ଓ ନିଜ ଅର୍ଥକୁ ଦେଖି ପ୍ରାୟତଃ ସାର୍ଟପ୍ୟାଣ୍ଟ, କୋର୍ଟ, ଝିଅ ଓ ସ୍ତ୍ରୀଲୋକମାନଙ୍କ ପୋଷାକ ସବୁ ବିକ୍ରି ହେଉଛି। ଲୋକେ ଏହାକୁ ଗୁରୁତ୍ୱ ଦେଉଛନ୍ତି ଓ ଗୋଟିଏ ବଜାରକୁ ହାତ ପାହାନ୍ତାରେ ପାଇଯାଉଥିବାରୁ ସେମାନେ ପୂର୍ବ ସମୟର ଲୁଗା ଦୋକାନକୁ ଯାଇ କପଡ଼ା କିଣି ଦରଜି ପାଖକୁ ଯିବାକୁ ଆଉ ସେତେଟା ଆଗ୍ରହ ରଖୁନାହାଁନ୍ତି। ସେହିପରି ହାତ ପାହାନ୍ତାରେ ସୂଚନା ପ୍ରଯୁକ୍ତିର ମୋବାଇଲ ଫୋରେ ଅନ୍‌ଲାଇନ ଦ୍ୱାରା ଘରେ ନିଜର ସମସ୍ତ ବେଶପୋଷାକ ନିର୍ଦ୍ଧାରିତ ସମୟ ଓ ମୂଲ୍ୟ ଅନୁଯାୟୀ ସୁରକ୍ଷିତ ଭାବେ ପହଞ୍ଚି ଯାଉଥିବାରୁ ଦରଜିଙ୍କ ବେପାର ଅନେକାଂଶରେ କମି ଯାଇଛି। କେବଳ ସହର ନୁହେଁ ଗାଁ ଗଣ୍ଡାରେ ଯେଉଁଠି ଦିନେ ଦରଜି ପାଖରେ ନିଜ ପୋଷକା ବନାଇବା ପାଇଁ ଲୋକେ ଧାଡ଼ି ଲଗାଉଥିଲେ ଆଉ ବ୍ୟସ୍ତ ହୋଇ ନିଜ ପୋଷାକଟି ପାଇବା ପର୍ଯ୍ୟନ୍ତ ଅତ୍ୟନ୍ତ ଆଗ୍ରହ ଓ ଶ୍ରଦ୍ଧା ରଖୁଥିଲେ ତାହା ଆଉ ସେପରି ଦିଶୁନାହିଁ। ତେବେ ପ୍ରଶ୍ନ ଉଠେ ସେହି ଦରଜି ବୃତ୍ତି କରୁଥିବା ଲୋକଟି ତା ଦାନାପାଣି କିପରି ପାଇପାରିବ? ତଥାପି ଆଜି ସମୟରେ ଅନେକ ଲୋକ ଅଛନ୍ତି ଯେଉଁମାନେ ପାରମ୍ପରିକ କପଡ଼ା କିଣି ନିଜ ପୂର୍ବ ପରିଚିତ ଓ ଆଖପାଖର ଦରଜି ପାଖକୁ ଯାଇ ନିଜ ବେଶପୋଷାକ ତିଆରି କରୁଛନ୍ତି। ଅନ୍ତତଃ ଆମେ ମାନବିକ ଦୃଷ୍ଟିକୋଣରୁ କେବଳ ଜଣଙ୍କୁ ତା ପରିଶ୍ରମର ମୂଲ୍ୟ ନୁହେଁ ସେହି ପାରିଶ୍ରମିକ ତା ପରିବାର ଓ ଏହାସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡ଼ିତ ରହୁଥିବା ଅନେକଙ୍କ ଦାନାପାଣି ସେମାନେ ଏହି ବୃତ୍ତିରୁ ହିଁ ପାଇଥାନ୍ତି। ଭାରତର ଅନେକ ସହରରେ ଏବେ ବି ଅନେକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ନିଜ ବଂଶ ବୁନିଆଦିର ପରମ୍ପରାକୁ ବଜାୟ ରଖି ନିଜ ପୂର୍ବ ପରିଚିତ ଦରଜି ପାଖରେ ନିଜ ବେଶପୋଷାକ ତିଆରି କରୁଛନ୍ତି ଏହା ନିଶ୍ଚିନ୍ତ ଖୁସିର କଥା। ପଇସା ଦେଇ ମନ ପସନ୍ଦର ପୋଷାକ ସପିଂ ମଲ୍‌ରୁ କିଣାଯାଇପାରିବ ଏହାକୁ କିଏ ମନା କରୁନି କିନ୍ତୁ ହସ୍ତକର୍ମର ଯେଉଁ ପରମ୍ପରା ରହିଛି ତାହାକୁ କିଛିଟା ଅତୁଟ ରଖିବା ଦାୟିତ୍ୱ ଆମ ସମସ୍ତଙ୍କର। କରୋନା ପରି ମହାମାରୀ ଅନେକଙ୍କ ଦାନାପାଣି ବୁଡ଼ାଇ ଦେଇଛି। ଏହା ଭିତରୁ ଦରଜି ବୃତ୍ତିଧାରୀ ମଧ୍ୟ ଅନ୍ୟତମ। ଆସନ୍ତୁ ଦରଜି ଦିବସ ଅବସରରେ ନିଜ ପୂର୍ବ ପରିଚିତ ଦରଜି ଭାଇଟିକୁ ଟିକିଏ ଆଦରିବା ଅନ୍ତତଃ କରୋନା ସମୟରେ ସେ ତ ଟିକିଏ ଦାନାପାଣି ପାଇପାରିବ। ଆମ ଭିତରେ ଏ ସାମାନ୍ୟ ମଣିଷ ପଣିଆ ସେହି ଲୋକଟି ଓ ତା ପରିବାର ମୁହଁରେ ହସ ଫୁଟାଇବା ସହ ପରିବାରଟି ଦାନାପାଣି ପାଇ ଯେଉଁ ଆନନ୍ଦର ଆର୍ଶୀବଚନ ଦେବେ ତାହା କ'ଣ ଆମ ପାଇଁ ଯଥେଷ୍ଟ ନୁହେଁ କି?

❤ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,
ଦୂରଭାଷ : ୯୪୩୭୬୬୬୪୫୩,

ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନ ଯାତ୍ରା ବା ଦେବସ୍ନାନ ପୂର୍ଣ୍ଣିମା। ଏହି ଅବସରରେ ଚତୁର୍ଦ୍ଧା ମୂର୍ତ୍ତି ପହଣ୍ଡି ବିଜେରେ ଆନନ୍ଦ ବଜାର ସ୍ଥିତ ସ୍ନାନ ମଣ୍ଡପ ବା ସ୍ନାନ ବେଦିକୁ ଆସି ବିରାଜନ୍ତି। ଏହି ମଣ୍ଡପରେ ଠାକୁରମାନଙ୍କର ପ୍ରସିଦ୍ଧ ଗଜାନନ ବେଶ ହୋଇଥାଏ। ଏହି ବେଶ ସଂପର୍କରେ ରହିଥିବା କିମ୍ବଦନ୍ତୀ ଅନୁଯାୟୀ ପଞ୍ଚଦଶ ଶତାବ୍ଦୀରେ ମରାଠା ମହାଗାଣପତ୍ୟ ସଂପ୍ରଦାୟର ବ୍ରାହ୍ମଣ ପଣ୍ଡିତ ଶ୍ରୀ ଗଣପତି ଭଟ୍ଟ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଆସିଥିଲେ। ସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସେ ଦର୍ଶନ କଲେ ସତ, ତାଙ୍କୁ ସନ୍ତୋଷ ମିଳିଲା ନାହିଁ। କାରଣ ସେ ମହାପ୍ରଭୁମାନଙ୍କୁ ଗଣପତି ରୂପରେ ଦେଖିବାକୁ ଚାହୁଁଥିଲେ। ଦୁଃଖରେ ଫେରିଯାଉଥିବା ବେଳେ, ପୁନଶ୍ଚ ଶ୍ରୀମନ୍ଦିରକୁ ଫେରିବା ପାଇଁ ମୁକ୍ତେଶ୍ୱରଠାରେ ତାଙ୍କୁ ଶୂନ୍ୟବାଣୀ ହେଲା। ଫେରି ଦେଖିଲେ ପ୍ରଭୁ ବଳଭଦ୍ର ଧବଳ ଗଣପତି ଏବଂ ଶ୍ରୀଜଗନ୍ନାଥ କୃଷ୍ଣ ଗଣପତି ରୂପ ଧାରଣ କରିଛନ୍ତି। ଗଣପତି ଭଟ୍ଟଙ୍କ ଗଣପତି ବେଶ ଦର୍ଶନର ସ୍ମାରକୀ ସ୍ୱରୂପ ଏହି ବେଶ ହୋଇଆସୁଛି। ଏହି ବେଶ ନିମନ୍ତେ ଗୋପାଳ ତୀର୍ଥ ମଠ ଓ ରାଘବ ଦାସ ମଠରୁ ଉପକରଣମାନ ଆସେ। ଭିତରଛଟ, ତିଳଛଟ, ପୁଷ୍ପାଳକ, ଖୁଣ୍ଟିଆ ଓ ଦଇତାପତି ସେବକମାନେ ହାତୀ ବେଶ କରାନ୍ତି। ସେବସ୍ନାନ ପୂର୍ଣ୍ଣିମାରେ ଗୋଟିଏ ମାତ୍ର ଭୋଗ ହୁଏ। ଭୋଗ ପରେ ଦେବଦର୍ଶନ ଲାଗି ସର୍ବସାଧାରଣଙ୍କୁ ଅନୁମତି ଦିଆଯାଏ।

ଜଗନ୍ନାଥଙ୍କ ମୁଖ୍ୟ ବାରଟି ଯାତ୍ରା ବୈଶାଖ ଶୁକ୍ଳ ତୃତୀୟାରେ ଅକ୍ଷୟ ତୃତୀୟା, ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଶ୍ରୀ ଗୁଣ୍ଡିଚା, ଶ୍ରାବଣ କୃଷ୍ଣ ଦଶମୀରେ କର୍କଟ ସଂକ୍ରାନ୍ତି, ଶ୍ରାବଣ ଶୁକ୍ଳ ଏକାଦଶୀରେ ଶୟନ ଯାତ୍ରା, ଭାଦ୍ର ଶୁକ୍ଳ ଏକାଦଶୀରେ ପାର୍ଶ୍ୱ ପରିବର୍ତ୍ତନ, କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଦେବୋତ୍‌ଥାପନ, ପୌଷ ଶୁକ୍ଳ ଷଷ୍ଠୀରେ ପ୍ରାବରଣ ଷଷ୍ଠୀ, ପୌଷ ପୂର୍ଣ୍ଣିମାରେ ପୁଷ୍ୟାଭିଷେକ, ମାଘ ରେ ମକର ସଂକ୍ରାନ୍ତି, ଫାଲଗୁନ୍ ପୂର୍ଣ୍ଣିମାରେ ଦୋଳଯାତ୍ରା, ଦଅଣା ଚୋରି ଚୈତ୍ର ଶୁକ୍ଳ ତ୍ରୟୋଦଶୀ ଓ ଚତୁର୍ଦ୍ଦଶୀରେ ଦମନକ ଚତୁର୍ଦ୍ଦଶୀ ପରି ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଦ୍ୱାଦଶ ଯାତ୍ରା ସମ୍ପର୍କରେ ଧର୍ମଶାସ୍ତ୍ରର ଶ୍ଳୋକରେ ଉଲ୍ଲେଖ ରହିଛି - 'ମଞ୍ଚେଞ୍ଚସ୍ନାନ ରଥବରଗତ ଶୟନ ଗାୟନଦ୍ୱୟଂ, ପାର୍ଶ୍ୱାବର୍ତ୍ତି ଶୟନ ନିବୃତ୍ତି ପର୍ବଣ ପୂଜ୍ୟ ପୂଜା, ଦୋକେଳି, ଦମନ ମୋହଂ ଚାଣ ପୂର୍ଣ୍ଣ ତୃତୀୟା, ଏ ସଠା ଯାତ୍ରା ଭୁବନ ବନ୍ଦିତା ଦ୍ୱାଦେଶୟଂ ନରେନ୍ଦ୍ର ।'

ପୂର୍ଣ୍ଣିମା ଦିନ ସକାଳୁ ପୂଜା ପଣ୍ଡା, ପତିମହାପାତ୍ର ଓ ମୁଦ୍ରାହସ୍ତ ତିନି ଠାକୁରଙ୍କ ବାଡରେ ମଙ୍ଗଳା ଅର୍ପଣ କରିବା ପରେ ଦଇତାମାନେ ଠାକୁର ମାନଙ୍କ ଦେହରେ ଡୋରୀ ଲାଗି କରନ୍ତି । ପହଣ୍ଡି ହୋଇ ପ୍ରଥମେ ସୁଦର୍ଶନ, ପରେ ବଳଭଦ୍ର, ସୁଭଦ୍ରା ଜଗନ୍ନାଥ ଓ ମଦନମୋହନ ବେଦୀକୁ ସ୍ନାନ ପାଇଁ ବିଜେ କରିଥାନ୍ତି । ସ୍ନାନ ପରେ ଗୋପାଳ ତୀର୍ଥ ମଠରୁ ବଡ଼ ଠାକୁରଙ୍କ ପାଇଁ ଏହି ଦୁର୍ଲଭ ହାତୀ ବେଶର ସମସ୍ତ ସାମଗ୍ରୀ ଆସିଥାଏ । ଅନ୍ୟ ଦୁଇ ଠାକୁରଙ୍କ ପାଇଁ ରାଘବ ଦାସ ମଠରୁ ଆସେ । ବିଗ୍ରହ ମାନଙ୍କ ଗଜାନନ ବେଶ ପରେ ପୁଷ୍ପପାଳକମାନେ ପୁଷ୍ପଲାଗି କରନ୍ତି । ଶ୍ରୀ ଜଗନ୍ନାଥଙ୍କର ଦ୍ୱାଦଶ ବା ତ୍ରୟୋଦଶ ଯାତ୍ରା ମଧ୍ୟରେ ଏହା ପ୍ରଥମ ଏବଂ ଆଗରୁ କଥିତ ଅଛି ଯେ ଏହା ତାଙ୍କ ଜନ୍ମଦିନ । ଏହି ବେଶ ପରେ ଠାକୁରମାନେ ଅଣସରକୁ ବିଜେ ହୋଇଥାନ୍ତି । ପରେ ଆସିଥାଏ ପବିତ୍ର ନେତ୍ର ଉତ୍ସବ । ତେବେ ଅଣସର ଘରେ ବିଶ୍ୱାବସୁଙ୍କ ବଂଶଧରମାନେ ଅଣସର ପଣା ଓ ଜଙ୍ଗଲଜାତ ଫଳମୂଳ ସମର୍ପଣ କରି ପନ୍ଦର ଦିନ ମଧ୍ୟରେ ଆରୋଗ୍ୟ କରାଇ ନବ ଯୌବନ ଫେରାଇ ଦିଅନ୍ତି । ଏହାର ମାହାତ୍ମ୍ୟ ଉଲ୍ଲେଖ କରିବାକୁ ଯାଇ ସ୍ୱୟଂ ବ୍ରହ୍ମା କହିଛନ୍ତି । - 'ଯତ୍ ଫଳଂ ସ୍ନାନ ଦନେନ ରାହୁଗ୍ରସ୍ତେ ଦିବାକରେ, ତତ୍ ଫଳଂ କୃଷ୍ଣମାଲୋକଂ ମହାଜ୍ୟେଷ୍ଠା ଲଭେନ୍ନରଃ' ଏକଥା କହିବା ନିଷ୍ପ୍ରୟୋଜନ ଯେ ସ୍ନାନ ବେଦୀରୁ ବିଗ୍ରହମାନେ ଫେରିଲା ପରେ ଆଉ ରତ୍ନ ସିଂହାସନକୁ ନଯାଇ ଅଣସର ଘରଠାରେ ଗୁପ୍ତ ପୂଜାରେ ରହି ଥାଆନ୍ତି । ଅମାବାସ୍ୟା ପୂର୍ବଦିନ ଅର୍ଥାତ୍ ଚତୁର୍ଦ୍ଦଶୀରେ ବଡ଼ ସିଂହାର ପରେ ପଣାଚକଟକା ଭୋଗହୋଇ ଦାସ ମହାପାତ୍ର ଲାଗି କରନ୍ତି। ଅନ୍ୟାନ୍ୟ ସେବା ପରେ କୋଠ ସୁଆଁସିଆମାନେ ତାଟି ଖଟ ବାହାରକୁ ନେଇ ଯାଆନ୍ତି । ଭିତରେ ପାଣି ପଡ଼େ । ପରେ ପରେ ନବଯୌବନ ଦର୍ଶନ ହୁଏ । ପରେ ପାଣିଆ ଆପଟ ଦ୍ୱାରା ଏହି ସ୍ନାନ ମାର୍ଜନା ହୋଇଥାଏ । ଘଟୁଆରୀ ଘରଠାରୁ ଚନ୍ଦନ ଆସି ତିନିଗୋଟି ରୂପା ପିଙ୍ଗଣରେ ଚନ୍ଦନ ଲାଗି ହୁଏ । ତାପରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନିଖଣ୍ଡି ଲେଖାଏଁ ଓ ସୁଦର୍ଶନ ଏକ ଖଣ୍ଡି ଲୁଗା ଲାଗି ହୁଅନ୍ତି। ପରେ ପତି ମହାପାତ୍ର ବନ୍ଦାପନା କରନ୍ତି। ତିନି ବାଡ଼ରେ ପଣ୍ଡା, ପତି, ମୁଦିରଥ ବନ୍ଦାପନା କରନ୍ତି ଏବଂ ଏହିପରି ବର୍ଷକରେ ଥରେ ନେତ୍ରୋତ୍ସବ ପର୍ବର ସମାପନ ହୁଏ ।

❤ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

ଉତ୍ତର ପୁରୁଷ

ପୃଷ୍ଠା ୪ ରବିବାର ଚିତ୍ରନ୍ତ ସାପ୍ତାହିକ କ୍ରୋଡ଼ପତ୍ର

ମୂଳ ବଙ୍ଗଳା ଗଳ୍ପ - ଶକ୍ତିପଦ ରାଜଗୁରୁ
ଓଡ଼ିଆ ରୂପାନ୍ତର - ଜୟକୃଷ୍ଣ ସାମଲ



ଶଶୀତାରା ଅପେରାର ନାମଟା ଏଥର ଯାତ୍ରାଜଗତରେ ଖୁବ୍ ଜନପ୍ରିୟତା ଲାଭ କରିଛି। ଯାହାକୁ କୁହାଯାଏ ସୁପର୍ ଡୁପର୍ ହିଟ୍ କରି ସର୍ବାଗ୍ରରେ ରହିଛି । ଶଶୀତାରା ଅପେରା କଲିକତାର ଖାନ୍‌ଦାନ ଯାତ୍ରାପାର୍ଟି। ଏହାର ମାଲିକଙ୍କର ବାବା-ମାଙ୍କର ନାମରେ ଏହି ଯାତ୍ରା ଦଳ । ମାଲିକ ଜଗଦୀଶବାବୁଙ୍କର ବଡବଜାରରେ ବିଶାଳ ଲୁହାର ପାଇକାରୀ ବ୍ୟବସାୟ । ଲୁହାର ବ୍ୟବସାୟ କରିବି ଜଗଦୀଶବାବୁଙ୍କର ଯାତ୍ରା ପ୍ରୀତି ଟିକିଏ ବି ମଳିନ ହୋଇନି । ବ୍ୟବସାୟ କରି ମଧ୍ୟ ଯାତ୍ରା ଦଳ ଗଢିଥିଲେ । ତାଙ୍କର ପଇସାର ଅଭାବ ନାହିଁ । ଆଉ ଲୋକଟା ଏମିତି ବି ଭଦ୍ର । ଗୋଟିଏ ଜବାବ୍‌ର ମଣିଷ । ତେଣୁ ତାଙ୍କ ଯାତ୍ରାଦଳ ଏଇ କେତେ ବର୍ଷ ମଧ୍ୟରେ ହିଁ ଲାଭର ମୁହଁ ଦେଖିପାରିଛି । ଫଳରେ ଜଗଦୀଶବାବୁ ଏଇ ବ୍ୟବସାୟରୁ ମଧ୍ୟ ବେଶ୍ ଅଭିଜ୍ଞତା ଅର୍ଜନ କରିପାରିଛନ୍ତି । ଦଳର ଶିଳ୍ପୀ କଳାକାରମାନଙ୍କୁ ଠିକ୍ ଭାବରେ ଯାହାର ଯାହା ପ୍ରାପ୍ୟ ଟଙ୍କା ସେ ସମ୍ମାନ ସହ ପ୍ରଦାନ କରିଥାନ୍ତି ।

ତେବେ ଯାତ୍ରା ଦଳର ମ୍ୟାନେଜର ଲବଣୀବାବୁ ଏହା ମଧ୍ୟରେ କୌଶଳରେ ବାଣିଜ୍ୟ କରି କମିଶନି-ଫମିଶନି ପାଏ । ଯାତ୍ରା ଦଳର ଟଙ୍କା ମଧ୍ୟ ଏପାଖ ସେପାଖ କରେ । ଜଗଦୀଶବାବୁ କହନ୍ତି, ଜଗିରଖି ଖାଅ ବାବା । ହଂସ ମାରି ଅଣ୍ଡା ଖାଇବାକୁ ଯାଅନା । ତମ ହଂସ ବି ଯିବ-ଅଣ୍ଡା ମଧ୍ୟ ଯିବ ।

ଲବଣୀ ତେଣୁ ମାଲିକକୁ ବଞ୍ଚାଇ ଶିଳ୍ପୀ କଳାକାରମାନଙ୍କ ଉପରେ ତାର ଖେଳ ଖେଳେ, ତେବେ ସନ୍ତର୍ପଣରେ ।

ଏଥର 'ଘରର ଠିକଣା ନାହିଁ' ନାଟକଟି ପୁରାପୁରି ଯୁଗୋପଯୋଗୀ ହୋଇଛି । ଜଣେ ତରୁଣ, ଆଜିକାଲିର ସ୍ୱାମୀ-ସ୍ତ୍ରୀ ସଂସାରର ଚାପା ଅଶାନ୍ତିର ଶିକାର । ଆଜିକାଲିର ମଣିଷ ଜୀବନଯାତ୍ରାର ଏକ କରୁଣ କାହାଣୀ । ଆଗାମୀ ପ୍ରଜନ୍ମର ଜୀବନବ୍ୟାପୀ ହତାଶ- ଯନ୍ତ୍ରଣାର ଛବିଟାକୁ ନାଟକରେ ନିପୁଣ ଭାବରେ ନାଟ୍ୟକାର ତୋଳିଧରିଛନ୍ତି । ଆଉ ଯାତ୍ରା ଜଗତର ଦୁଇଜଣ ପ୍ରଖ୍ୟାତ ଶିଳ୍ପୀ କିରଣକୁମାର ଆଉ ମୀରାଦେବୀଙ୍କର ଅଭିନୟ ସେଇ ନାଟକକୁ ପ୍ରାଣବନ୍ତ କରି ତୋଳିଛି । ତା ସହିତ ଗୋଟିଏ ନବାଗତ କିଶୋର, ବିଜନ କୁମାରର ଗୀତ ଗାଇବାର ଶୈଳୀ ଓ ଅଭିନୟ ଏଇ ନାଟକରେ ଏକ ନୂତନ ଆକର୍ଷଣ ସୃଷ୍ଟି କରିପାରିଛି ।

ଏହା ମଧ୍ୟରେ ପ୍ରଚୁର ବଇନା ମିଳିସାରିଛି, ବିଭିନ୍ନ ସ୍ଥାନରେ ନାଟକ ମଞ୍ଚସ୍ଥ ପାଇଁ । ତିନିଅଙ୍କର ନାଟକ ଦେଖି ଉତ୍ତର ବଙ୍ଗଳାର ପ୍ରାୟ ସବୁ ଯାତ୍ରା ଆସରର କର୍ମକର୍ତ୍ତାମାନେ ଧାଇଁ ଆସୁଛନ୍ତି ଶଶୀତାରା ଅଫିସ୍‌କୁ ବଇନା ଦେବାପାଇଁ । ଅକ୍ଟୋବରରୁ ମାର୍ଚ୍ଚ, ଏହା ମଧ୍ୟରେ ସବୁ ଡେଟ୍ ବୁକ୍ କରାଯାଇ ସରିଛି ।

ଜଗଦୀଶବାବୁ ଅବଶ୍ୟ ଏଇ ନାଟକ ପାଇଁ ଖୁବ୍ ଝୁଙ୍କି ନେଇଥିଲେ । ତାଙ୍କର ଏହି ନାଟକରେ ଏହି ସ୍ୱାମୀ-ସ୍ତ୍ରୀ ଚରିତ୍ରରେ ନାମୀ ଶିଳ୍ପୀମାନଙ୍କୁ ନେଇଛନ୍ତି । କିନ୍ତୁ ଏହି କିଶୋର ଭୂମିକାରେ ସେ ନେଇ ଆସିଛନ୍ତି ଗୋଟିଏ ପିଲାକୁ । ସୁନ୍ଦର ରୂପ । ଜାମା-ପ୍ୟାଣ୍ଟ ଅପରିଷ୍କାର । ମୁଖମଣ୍ଡଳରେ ବିଷର୍ଣ୍ଣତାର ଛାପ । ପିଲାଟିକୁ ଏକ ପାର୍କରେ ଦେଖନ୍ତି । ଏକାକୀ ବସି ଗୀତ ଗାଉଥିଲା । ଗଳାଟି ମଧ୍ୟ ଖୁବ୍ ମଧୁର । ରେଓ୍ୱାଜ କରିଥିବା ଗଳା । ତେବେ ମନହୁଏ, ତାର ଘରର ଠିକଣା ନାହିଁ । ତେଣୁ ଜଗଦୀଶବାବୁଙ୍କ କଥାରେ ରାଜି ହୋଇ ଯାତ୍ରା ରିହଲ୍‌ସାଲ ରୁମ୍‌କୁ ଆସେ । ଡିରେକ୍ଟର ତ ସବୁ ଶୁଣି ଚମକି ଉଠନ୍ତି । ତେଣୁ ଜଗଦୀଶବାବୁ, ନୂଆ ପିଲା ଅଭିନୟ କ'ଣ କରିପାରିବ ? ଶେଷରେ ଯଦି ଫେଲ୍ କରେ, ସେତେବେଳେ କ'ଣ ହେବ ?

ମ୍ୟାନେଜର ସମର୍ଥନ କରେ, ତାହିଁ ଠିକ୍ ସାର୍ ! ବରଂ ଯାତ୍ରାଲାଇନ୍‌ର କାହାକୁ ନିଅନ୍ତୁ । କିନ୍ତୁ ଜଗଦୀଶବାବୁ କୁହନ୍ତି, ପରୀକ୍ଷା କରି ଦେଖ । ସେ ଠିକ୍ ପାରିବ ।

ବିଜନକୁ ଆଜି ପାରିବାକୁ ହେବ । ସେ ମଧ୍ୟ ଏହାକୁ ଚ୍ୟାଲେଞ୍ଜ ହିସାବରେ ନେଇଛି । ଆଜି ସେ ସବୁ ହରାଇଛି । ଅତୀତରେ ତାଙ୍କ ପରିବାର ଥିଲା କଲିକତା ବୁନିୟାଦ୍ ପରିବାର ଗୁଡିକ ମଧ୍ୟରେ ଅନ୍ୟତମ । ତାଙ୍କ ଘରେ ଥିଲା ସଂଗୀତଗାୟନର ରୀତି । ବିଜନ ସେମାନଙ୍କ ନିକଟରୁ ମଧ୍ୟ ତାଲିମ୍ ପାଇଥିଲା । ତାର ବାବା ଏଇ ଧସି ପଡୁଥିବା ବୁନିୟାଦ୍ ପରିବାରରୁ ବାହାରିଯାଇ କଲ୍ୟାଣୀ ଅଞ୍ଚଳର କୌଣସି ସ୍କୁଲରେ ଚାକିରି ପାଇ ଚାଲି ଯାଆନ୍ତି । ମା' ମଧ୍ୟ ସେହି ଅଞ୍ଚଳର କୌଣସି ଏକ ଅଫିସରେ ଚାକିରି ନିଅନ୍ତି । ସେଇ ଅଞ୍ଚଳର ଘରଭଡା ନେଇ ସଂସାର ଚଳାଇଲେ ସେମାନେ । ପୁଣି ବିଜନକୁ ମଧ୍ୟ ସେମାନେ କଲିକତାର ଏଇ ପରିବେଶରୁ ନେଇଯାଆନ୍ତି ଏକ ନିଃସଙ୍ଗତାର ଜୀବନକୁ । ବାବା, ମା, ଦୁଇଜଣ ସେମାନଙ୍କ କାମ, ସେମାନଙ୍କ ଜଗତ ନେଇ ବ୍ୟସ୍ତ ହୋଇ ଉଠନ୍ତି । ମା'ର ଆଶା-ସ୍ୱପ୍ନ ଅନେକ । ସେ ଆଶା କରିଥିଲେ ତାଙ୍କ ସ୍ୱାମୀ ପ୍ରଚୁର ରେଜଗାର କରିବେ । ଗାଡି-ବଙ୍ଗଳା ଏଇ ସବୁ ଥିବ । କିନ୍ତୁ ସେସବୁ କିଛି ନ ପାଇ ସୁମିତା ସ୍ୱାମୀକୁ ଯେପରି ପ୍ରଥମ ଦିନ ଠାରୁ ଗ୍ରହଣକରିନେଇ ପାରିନଥିଲେ ।

ବିଜନ ଦେଖୁଛି ଏଇ ସଂସାରରେ ବାବା ତାଙ୍କ ଶିକ୍ଷକତାର କାମ ବାହାରେ ସକାଳ ସନ୍ଧ୍ୟା ଘର ବାହାରେ ଟିଉସନ କରି ରୋଜଗାରର ଚେଷ୍ଟା କରନ୍ତି । ମା' ସୁମିତା ଘରର କୌଣସି କାମ ମଧ୍ୟ କରନ୍ତି ନାହିଁ । ଯାହା କରେ ଚାକରାଣୀ । ସୁମିତା ସକାଳେ ଉଠି ଚା ଖାଇ ବିଜନକୁ ନେଇ ବସନ୍ତି । ପଢାଇବା ଅପେକ୍ଷା ତାଙ୍କ ମନର ସମସ୍ତ ଜ୍ୱାଳା ଯେପରି ବିଜନ ଉପରେ ଉଜାଡି ଦିଅନ୍ତି । ବିଜନର ଆର୍ତ୍ତନାଦରେ ପଡୋଶୀ ଘରବାଲାର ଝିଅ ବାସନା ଧାଇଁ ଆସେ ।

: ଏ କ'ଣ ହେଉଛି ଭାଉଜ ?

ସୁମିତା ଏଇ ବାସନାକୁ ସହ୍ୟ କରିପାରେନା । ବାସନା ଏଥର କଲେଜ ପଢା ଶେଷ କରି ବର୍ତ୍ତମାନ ଚାକିରି କରିବାକୁ ଚେଷ୍ଟାକରୁଛି । ଖୁବ୍ ଭଲ ଝିଅ । ବିଜନର ବାବା ଶେଖରବାବୁ ବି କହନ୍ତି, ଏଇ ଭାବରେ ପିଲାଟାକୁ ମାରିବ ?

ବାସନା ଯେମିତି କିଛି କହିବାକୁ ଯିବ, ସେମିତି ଗର୍ଜନ କରିଉଠିବ ସୁମିତା, ମୋ ସଂସାରରେ ଆଉ ଜଣେ ନାକ ଗଳାଇଲେ ଏହା ମାନି ନେଇ ପାରିବ ନାହିଁ ।

ବାସନା କହେ : ନାକ ଗଳାଇବାକୁ ଚାହେଁନା, ଭାଉଜ । ତେବେ ପିଲାଟାକୁ ଏପରି ଭାବରେ ମାରିବ କାହିଁକି ?

ସୁମିତା ଆହୁରି ଅଧିକା କଣ କହିବାକୁ ବାହାରେ, ଶେଖରବାବୁ ବନ୍ଦ କରିଦିଅନ୍ତି ତାକୁ । ବାସନା ପରିସ୍ଥିତିକୁ ଲକ୍ଷ୍ୟକରି ଚାଲିଯାଏ । ସୁମିତା ବିଜନକୁ ଛାଡି ଏଥର ବାସନା ଆଉ ଶେଖରବାବୁକୁ

ସ୍ମୃତିଚିତ୍ର

ଫତୁରାନନ୍ଦଙ୍କ ବଦାନ୍ୟତା

ରଘୁନାଥ ମହାପାତ୍ର

ସେ ଗେରୁଆ ଚାଦର ଖଣ୍ଡ କାନ୍ଧରେ ପକେଇ ଦେଇ ଆସି ରିକ୍‌ସାରେ ବସିଲେ ମୁଁ ତାଙ୍କର ସାହାଯ୍ୟକାରୀ ଭାବେ ତାଙ୍କ ପାଖରେ ବସିଲି। ରିକ୍‌ସାବାଲାକୁ ନିର୍ଦ୍ଦେଶ ଦେଲେ ବଙ୍ଗାଳି ସାହି ନେଇ ଯିବାକୁ। ବଙ୍ଗାଳି ସାହିର ମାଧବାନନ୍ଦ ଦାସ ଓକିଲଙ୍କୁ ଘର ସାମ୍ନା ଦେଇ ରିକ୍‌ସାଟି ଯାଇ ପହଞ୍ଚିଲା ଗୋଟିଏ ଦୋତାଲା କୋଠା ସାମ୍ନାରେ। ଆମେ ସେଠାରୁ ଓହ୍ଲାଇ ରିକ୍‌ସାବାଲାକୁ ବିଦା କରିଦେଲୁ। ଦାଣ୍ଡ ବାରଣ୍ଡାରେ ପଡ଼ିଥିବା ଲମ୍ବା ବେଞ୍ଚ ଉପରେ ବସିଲୁ। ଘର ଭିତରକୁ ଗୃହ ମାଲିକଙ୍କ ପାଖକୁ ଖବର ଗଲା, କେହି ଦୁଇଜଣ ଆଗନ୍ତୁକ ସାକ୍ଷାତ ପାଇ ଆସିଛନ୍ତି। ପାଞ୍ଚ ଦଶମିନିଟ ପରେ ଜଣେ ଗୌରବର୍ଣ୍ଣ ବିପୁଳ ବପୁବନ୍ତ ପୁରୁଷ ମଠା ଧୋତି ପିନ୍ଧି ଖୋଲା ଦେହରେ ଆସି ଆମ ପାଖରେ ଆସି ଛିଡ଼ା ହେଲେ। କପାଳ ଚନ୍ଦନ ଚର୍ଚ୍ଚିତ, ବକ୍ଷ ଦେଶରେ ଚକ ଚକ କରୁଛି ଧଳା ଯଜ୍ଞପବିତ। ମୁଁ ଆଶ୍ଚର୍ଯ୍ୟ ହେଲା ପରି ତାଙ୍କ ମୁହଁକୁ ଚାହିଁଲି। ସେ କିନ୍ତୁ ଗେରୁଆ ବସ୍ତ୍ରଧାରୀଙ୍କ ଆଡ଼କୁ ଚାହିଁ ପ୍ରଶ୍ନ କଲେ, କିରେ ରାମ ତୁ କୁଆଡ଼େ? ଆପଣଙ୍କ ପାଖରେ ଟିକିଏ କାମ ଥିଲା। ହଉ ଭିତରକୁ ଆ, ଏଠି କାହିଁକି ବସିଛୁ?

ଫତୁରାନନ୍ଦ ଅନେକ ଗରିବ କର୍ମଚାରୀ ଓ ଛାତ୍ରଙ୍କୁ ଆର୍ଥିକ ସାହାଯ୍ୟ ଦିଅନ୍ତି ଏକଥା ପ୍ରାୟ ସମସ୍ତେ ଜାଣନ୍ତି ନାହିଁ। ସରକାରୀ କର୍ମଚାରୀଙ୍କୁ ସାହାଯ୍ୟ କରନ୍ତି ଏକଥା ଶୁଣିଲେ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ କିନ୍ତୁ ଏକଥା ସତ୍ୟ, ଡଗର ପ୍ରେସରେ ମେସିନ୍‌ମ୍ୟାନ ଭାବେ କାର୍ଯ୍ୟ କରୁଥିବା ଫକୀର ମୁଦୁଲି, ଓଡ଼ିଶା ସରକାରୀ ପ୍ରେସ୍‌ରେ ମଧ୍ୟ ମେସିନ୍ ମ୍ୟାନ ଚାକିରି କରୁଥିଲେ। ଫକୀର ମୁଦୁଲିଙ୍କ ମାଧ୍ୟମରେ ବହୁ ସରକାରୀ ପ୍ରେସ୍‌ର କର୍ମଚାରୀ ଫତୁରାନନ୍ଦଙ୍କ ପାଖକୁ ଆସନ୍ତି। ତାର କାରଣ ହେଲା ଫତୁରାନନ୍ଦ ଓରଫ ଶ୍ରୀରାମଚନ୍ଦ୍ର ମିଶ୍ର ଜଣେ ଏଲ.ଏମ୍.ପି ଡାକ୍ତର। ତାଙ୍କ ଠାରୁ ସାର୍ଟିଫିକେଟ ନେଲେ ଛୁଟି ମଞ୍ଜୁର ହୋଇ ଦରମା ଗଣ୍ଡାକ ମିଳିଯାଏ ସେଥିପାଇଁ ଅନେକ କର୍ମଚାରୀ ସକାଳ ଆଠଟା ନଅଟା ବେଳକୁ ଡଗର ପ୍ରେସ୍‌ରେ ଆସି ପହଞ୍ଚନ୍ତି। ଫତୁରାନନ୍ଦ ସକାଳ ନିତ୍ୟକର୍ମ ସାରି ଟେବୁଲ ଲ୍ୟାମ୍ପଟି ଜଳେଇ ଦେଇ ନିଜସ୍ୱ ଗଳ୍ପ ଲେଖା ଆରମ୍ଭ କରିଦେଇଥାନ୍ତି। ଏଇ ସମୟରେ ମଇଳା ଧୋତି ସାର୍ଟ ପିନ୍ଧିଥିବା, ପେଣ୍ଟ ସାର୍ଟ ପିନ୍ଧିଥିବା ଲୋକସବୁ ଆସି ପହଞ୍ଚି କହନ୍ତି ଆଜ୍ଞା ନମସ୍କାର। ଫତୁରାନନ୍ଦ ତ ଦେଖି ପାରନ୍ତି ନାହିଁ ତେଣୁ ପ୍ରଶ୍ନ କରନ୍ତି କିଏ? ଆଗନ୍ତୁକ ମୁଣ୍ଡ କୁଣ୍ଡେଇ କୁଣ୍ଡେଇ କହେ ମୁଁ ଆଜ୍ଞା ହରି ରାଉତ।

- ମୋ ପାଖରେ କ'ଣ କାମ? ଆଜ୍ଞା, ଖଣ୍ଡେ ସାର୍ଟିଫିକେଟ? ତୁମେ କେଉଁଠି କାମ କର? ଆଜ୍ଞା ଖପୁରିଆ ଗଭର୍ଣ୍ଣମେଣ୍ଟ ପ୍ରେସ୍‌ରେ। ଫକୀର ତୁମକୁ ଚିହ୍ନିଛି। ହଁ ଆଜ୍ଞା ଚିହ୍ନିଛନ୍ତି। ଫକୀରକୁ ଡାକି ଆଣ। ଛାପା କାର୍ଯ୍ୟ କରୁଥିବା ମେସିନ ମ୍ୟାନ ଫକୀର ବାବୁ ମେସିନ ବନ୍ଦ କରି ଆସି ପାଖରେ ଛିଡ଼ା ହୁଅନ୍ତି, ପଚାରନ୍ତି ମତେ ଡାକୁଥିଲେ? ହଁ ତୁମକୁ ଡାକୁଥିଲି ଏଇ ହରି ରାଉତକୁ ତୁମେ ଚିହ୍ନିଛତ? ସେ ପରା ଆଜ୍ଞା ଆମ ମେସିନ ଡିପାର୍ଟମେଣ୍ଟର ଲୋକ। ତାହେଲେ ତାକୁ ସାର୍ଟିଫିକେଟ ଦେଇ ଦେଉଛି। ସେ ଯାହା କହୁଛି ଠିକ୍ କହୁଛିତ? ହଁ, ହଁ ସେ ଆଜ୍ଞା ଭୁଲ କହିବ ନାହିଁ।

ଆଲମାରି ପଛପାଖରେ ଟଙ୍ଗା ହୋଇଥିବା କନା ବ୍ୟାଗ ଭିତରୁ ବାହାରି ଆସେ ଡାକ୍ତରଙ୍କ ପ୍ୟାଡ। ଡାକ୍ତର ଲେଖି ଦିଅନ୍ତି ଏହି ଲୋକ ଏତେ ତାରିଖରୁ ଏତେ ତାରିଖ ସର୍ଦ୍ଦିକାଶ ଜ୍ୱରରେ ପୀଡ଼ିତ ହୋଇ ମୋ ପାଖରେ ଚିକିତ୍ସା ହେଉଥିଲା। ତଳେ ଗୋଲ ଗୋଲ ଅକ୍ଷରରେ ସ୍ୱାକ୍ଷର ଆର.ସି.ମିଶ୍ର ଆଉ ତା ତଳକୁ ତାରିଖ। ଏହି ସାର୍ଟିଫିକେଟ ଖଣ୍ଡ ଅଫିସରେ ଦାଖଲ କରିଦେଲେ କର୍ମଚାରୀଙ୍କୁ ଛୁଟି ମିଳିଯାଏ ଦରମା ମିଳିଯାଏ। ତେଣୁ ବହୁତ ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରତିଦିନ ଏହି ସାର୍ଟିଫିକେଟ ନେବା ପାଇଁ ଧାଡ଼ି ଲଗାନ୍ତି। ଏଭଳି ସାର୍ଟିଫିକେଟ ବିନା ଫିସ୍‌ରେ କୌଣସି ଡାକ୍ତର ଦିଅନ୍ତି ନାହିଁ। ଓଡ଼ିଶା ସରକାରୀ ପ୍ରେସ୍‌ର ଅଧିକାଂଶ କର୍ମଚାରୀ ଫତୁରାନନ୍ଦଙ୍କ ପାଖକୁ ଆସନ୍ତି। ତାଙ୍କ ପାଖରେ ଚିହ୍ନା ଅଚିହ୍ନାର ପ୍ରଶ୍ନ ଉଠେନା କେବଳ ଫକୀର ଚିହ୍ନିଥିଲେ ହେଲା। କିଛି ଉଦାର ହୃଦୟ ଡାକ୍ତର ଅଛନ୍ତି ଯେଉଁମାନେ ରୋଗୀକୁ ବିନା ଫିସ୍‌ରେ ଦେଖନ୍ତି ଦରକାର ପଡ଼ିଲେ ଔଷଧ ମଧ୍ୟ ମାଗଣାରେ ଦିଅନ୍ତି। ରାମଚନ୍ଦ୍ର ମିଶ୍ର ଥିଲେ ଜଣେ ସେହିପ୍ରକାର ଡାକ୍ତର ଗରିବ କର୍ମଚାରୀଙ୍କୁ ବିନା ଫିସ୍‌ରେ ସାର୍ଟିଫିକେଟ ଦିଅନ୍ତି। ଯେଉଁ କର୍ମଚାରୀମାନେ ତାଙ୍କ ପାଖକୁ ଆସନ୍ତି ସେମାନେ ପ୍ରାୟ ଜାଣି ନଥାନ୍ତି ଏହି ଗେରୁଆ ବସ୍ତ୍ରଧାରୀ ସନ୍ନ୍ୟାସୀ ଜଣକ ହେଉଛନ୍ତି ଫତୁରାନନ୍ଦ। ତାଙ୍କ ବଦାନ୍ୟତାର ଆଉ ଗୋଟିଏ ଘଟଣା ଏଥିରେ ଉଲ୍ଲେଖ କରିବି ସେତେବେଳେ ମୁଁ ଡଗର ପ୍ରେସ ପରିଚାଳନା ଦାୟିତ୍ୱରେ ଥାଏ। ଦୁର୍ଗାପୂଜା ଆସିଗଲା। ଯାହାସବୁ ଛାପାକାମ ଥିଲା ସରିଗଲା। ରାଉରକେଲାରୁ ଆଠ ଦଶହଜାର ଟଙ୍କା ଆସିବାର ଥିଲା। ସେତକ ମିଳିଥିଲେ ଦୁର୍ଗାପୂଜାରେ କର୍ମଚାରୀ ମାନଙ୍କୁ ଦରମା ଦିଆଯାଇଥାନ୍ତା। କିନ୍ତୁ ଟଙ୍କାଟା ଠିକ୍ ସମୟରେ ପହଞ୍ଚିଲା ନାହିଁ। ଏଣେ କର୍ମଚାରୀମାନେ ସଂଧ୍ୟା ସକାଳେ ଆସି ଚେତେଇ ଦେଉଥାନ୍ତି ଆଜ୍ଞା ଅକ୍ଟୋବର ୪ ତାରିଖରେ ଷଷ୍ଠୀ ପଡ଼ିବ ତା ପୂର୍ବରୁ ପଇସାଟା ମିଳିଲେ ଘରକୁ ଯାଆନ୍ତୁ। ପୂଜା ସମୟରେ ସମସ୍ତଙ୍କର ପଇସା ଦରକାର କାହାକୁ ମନା କରିହେବ ନାହିଁ। ଫତୁରାନନ୍ଦ ଯେଉଁଠି ଯାହାକୁ ପଇସା ମାଗୁଥାଆନ୍ତି କେହି ଧରାଛୁଆଁ ଦେଉନଥାନ୍ତି। କ'ଣ କରିବେ କ'ଣ କରିବେ ବୋଲି ବିବ୍ରତ ହେଉଥାନ୍ତି। ଦୁର୍ଗାପୂଜାର ଷଷ୍ଠୀ ହେବାକୁ ଆଉ ଦୁଇ ଦିନ ବାକିଥାଏ ସକାଳ ଆଠଟା ବେଳେ ନିତ୍ୟକର୍ମ ସାରି ମତେ କହିଲେ ଗୋଟିଏ ରିକ୍‌ସା ଡାକ। ସେତେବେଳେ ରାସ୍ତାଘାଟରେ ଶହ ଶହ ରିକ୍‌ସା। ମୁଁ ଗୋଟିଏ ରିକ୍‌ସାକୁ ପ୍ରେସ୍ ଦୁଆର ମୁହଁରେ ଅଟକାଇଲି। ସେ ଗେରୁଆ ଚାଦର ଖଣ୍ଡ କାନ୍ଧରେ ପକେଇ ଦେଇ ଆସି ରିକ୍‌ସାରେ ବସିଲେ ମୁଁ ତାଙ୍କର ସାହାଯ୍ୟକାରୀ ଭାବେ ତାଙ୍କ ପାଖରେ ବସିଲି। ରିକ୍‌ସାବାଲାକୁ ନିର୍ଦ୍ଦେଶ ଦେଲେ ବଙ୍ଗାଳି ସାହି ନେଇ ଯିବାକୁ। ବଙ୍ଗାଳି ସାହିର ମାଧବାନନ୍ଦ ଦାସ ଓକିଲଙ୍କୁ ଘର ସାମ୍ନା ଦେଇ ରିକ୍‌ସାଟି ଯାଇ ପହଞ୍ଚିଲା ଗୋଟିଏ ଦୋତାଲା କୋଠା ସାମ୍ନାରେ। ଆମେ ସେଠାରୁ ଓହ୍ଲାଇ ରିକ୍‌ସାବାଲାକୁ ବିଦା କରିଦେଲୁ। ଦାଣ୍ଡ ବାରଣ୍ଡାରେ ପଡ଼ିଥିବା ଲମ୍ବା ବେଞ୍ଚ ଉପରେ ବସିଲୁ। ଘର ଭିତରକୁ ଗୃହ ମାଲିକଙ୍କ ପାଖକୁ ଖବର ଗଲା, କେହି ଦୁଇଜଣ ଆଗନ୍ତୁକ ସାକ୍ଷାତ ପାଇ ଆସିଛନ୍ତି। ପାଞ୍ଚ ଦଶମିନିଟ ପରେ ଜଣେ ଗୌରବର୍ଣ୍ଣ ବିପୁଳ ବପୁବନ୍ତ ପୁରୁଷ ମଠା ଧୋତି ପିନ୍ଧି ଖୋଲା ଦେହରେ ଆସି ଆମ ପାଖରେ ଆସି ଛିଡ଼ା ହେଲେ। କପାଳ ଚନ୍ଦନ ଚର୍ଚ୍ଚିତ, ବକ୍ଷ ଦେଶରେ ଚକ ଚକ କରୁଛି ଧଳା ଯଜ୍ଞପବିତ। ମୁଁ ଆଶ୍ଚର୍ଯ୍ୟ ହେଲା ପରି ତାଙ୍କ ମୁହଁକୁ ଚାହିଁଲି। ସେ କିନ୍ତୁ ଗେରୁଆ ବସ୍ତ୍ରଧାରୀଙ୍କ ଆଡ଼କୁ ଚାହିଁ ପ୍ରଶ୍ନ କଲେ, କିରେ ରାମ ତୁ କୁଆଡ଼େ? ଆପଣଙ୍କ ପାଖରେ ଟିକିଏ କାମ ଥିଲା। ହଉ ଭିତରକୁ ଆ, ଏଠି କାହିଁକି ବସିଛୁ?

ଫତୁରାନନ୍ଦ ତାଙ୍କ ପଛେ ପଛେ ଘର ଭିତରକୁ ଗଲେ। ମୁଁ ସେମିତି ବାହାରେ ବସିଥାଏ, ଅଧଘଣ୍ଟାକ ପରେ ରିକ୍‌ସା ଡାକ ପ୍ରେସକୁ ଯିବା। ମୁଁ ପୁଣି ବଙ୍ଗାଳି ସାହି ମୁଖ୍ୟ ରାସ୍ତା ଉପରକୁ ଯାଇ ରିକ୍‌ସା ଡାକି ଆଣିଲି। ଦୁହେଁ ସାଙ୍ଗ ହୋଇ ଫେରିଲୁ। ମୁଁ ପଚାରିଲି ସେ ଭଦ୍ରଲୋକ କିଏ କି? ସେ ଉତ୍ତର ଦେଲେ ମୋର ମାମୁ ହେବେ। ମାମୁଁ ହେଲେ କ'ଣ ହେବ ବିନା ସୁନା ବନ୍ଧକରେ ସେ କାହାକୁ ଗୋଟିଏ ପଇସା କରଜ ଦିଅନ୍ତି ନାହିଁ। ଆଜି ମୋର ଯୋଗଟା ଭଲ ଥିଲା ଚାରି ହଜାର ଟଙ୍କା ବିନା ବନ୍ଧକରେ ଦେଇଦେଲେ। ମୁଁ କହିଲି କେମିତି? କହିଲେ ସୁନା ଗହଣା ସିନା ବନ୍ଧକ ନେଲେ ନାହିଁ ମୋ ପାଖରୁ ଆଠ ହଜାର ଟଙ୍କାର ହ୍ୟାଣ୍ଡ ନୋଟ କରେଇ ନେଲେ। ମୁଁ ପ୍ରଶ୍ନ କଲି ଆପଣ ଆଣିଲେ ଚାରି ହଜାର ହ୍ୟାଣ୍ଡ ନୋଟ କାହିଁକି ଆଠ ହଜାରର ଦେଲେ। ସେ କହିଲେ କରଜର ନିୟମ ସେଇଆ। ଯିଏ ଯେତିକି ଟଙ୍କା କରଜ ନେବ ତାର ଡବଲ ଟଙ୍କାର ହ୍ୟାଣ୍ଡ ନୋଟ ଦେବ। ମୁଁ ପ୍ରଶ୍ନ କଲି ସେ ପରା ଆପଣଙ୍କର ମାମୁଁ? ଆରେ ମାମୁଁ ହେଲେ କ'ଣ ହେବ। ଟଙ୍କା ସୁଧ କାରବାରରେ ମାମୁଁ କିଏ ଭଣଜା କିଏ? ସେଇ କରଜ ଟଙ୍କାରେ ପ୍ରେସ୍ କର୍ମଚାରୀ ମାନଙ୍କର ଦରମା ପରିଶୋଧ କରାଗଲା। କର୍ମଚାରୀମାନେ ଖୁସି ହୋଇ ନିଜ ନିଜ ଘରକୁ ଗଲେ। ଯାହାର କିଛି ପ୍ରାପ୍ୟ ନଥିଲା ତାକୁ ମଧ୍ୟ କିଛି ଅଗ୍ରୀମ ଦେଲେ। ଡଗର ପ୍ରେସ୍‌ଟି ବଡ଼ ଦୈନ୍ୟ ଅବସ୍ଥାରେ ଚାଲୁଥିଲା। ପ୍ରେସ ଲାଭରେ ଡଗର ପତ୍ରିକା ବାହାରିବା କଥା। ମାସକୁ ମାସ କର୍ମଚାରୀଙ୍କ ପ୍ରାପ୍ୟ ଦେଇ ହୁଏ ନାହିଁ ସେଥିରେ ଲାଭ ଆସିବ କୁଆଡୁ? ଡଗର ବାହାରିବ କେମିତି ଥରେ ବାହାରିଲେ ତିନି ଚାରି ହଜାର ଖର୍ଚ୍ଚ। ସେତକ ଯୋଗାଡ଼ କରିବା ସମ୍ଭବ ହୁଏ ନାହିଁ। ଡଗର ପ୍ରତିମାସରେ ନ ବାହାରି ଦୁଇମାସ ତିନି ମାସରେ ଥରେ ବାହାରେ। ନିତ୍ୟାନନ୍ଦ ମହାପାତ୍ର ସେତେବେଳେ ଯୋଗାଣ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଥାଆନ୍ତି। ଫତୁରାନନ୍ଦ ଆଶା କରନ୍ତି ନିତ୍ୟାନନ୍ଦବାବୁ କହିଦେଲେ ଆମକୁ ବିଜ୍ଞାପନ ମିଳିଯିବ। କିନ୍ତୁ ନିତ୍ୟାନନ୍ଦବାବୁ ଏତେ ନିଷ୍ଠାପର ଲୋକ ଯେ ସେ ଡଗର ପାଇଁ ସରକାରୀ ସ୍ତରରେ କହନ୍ତି ନାହିଁ କି ବେସରକାରୀ ସ୍ତରରେ ମଧ୍ୟ କାହାକୁ ଅନୁରୋଧ କରନ୍ତି ନାହିଁ। ଡଗର ଯେଉଁ ଢ଼ୋକେ ପିଇ ଦଣ୍ଡେ ଜିଇ ନୀତିରେ ଚାଲିଥିଲା ସେହିପରି ଚାଲିଥିଲା। ଫତୁରାନନ୍ଦଙ୍କ ପଛେ ପଛେ ଦୁର୍ଭାଗ୍ୟ ଲାଗି ରହିଥିଲା। କେତେବେଳେ ସେ ଆର୍ଥିକ ଦିଗରୁ ସ୍ୱଚ୍ଛଳ ହୋଇପାରୁ ନଥିଲେ। ନିଜେ ନଖାଇ ଅନ୍ୟକୁ ଦାନ କରିବା ତାଙ୍କର ଏକ ମହତ ଗୁଣ ଥିଲା।

❤ସତ୍ୟଶ୍ରୀନିବାସ, ତାରାଚାନ୍ଦପାଟଣା, କଟକ-୯,
(ମୋ) : ୯୨୩୮୬୩୨୭୫୦

ଆଲୋଚନା

ପରିବେଶ ଚିନ୍ତନ

ମୀରା ବେଉରା

ଫ୍ରାନ୍ସର ଦାର୍ଶନିକ ଲେଖକ ରୁଷୋ କହୁଥିଲେ ମନୁଷ୍ୟ ଯେଉଁ ଦୁଃଖ ଓ ଦୈନ୍ୟତାରେ ସମ୍ମୁଖୀନ ହେଉଛି ଏହାର କାରଣ ହେଉଛି ମନୁଷ୍ୟ ନିଜକୁ ପ୍ରକୃତିର ମାର୍ଗରୁ ଦୂରେଇ ରଖିଛି। "All miseries and vices were due to the fact that man and deviated from the path of nature. ସେ ପ୍ରକୃତିରେ ପ୍ରକୃତି ପ୍ରେମୀ ଥିଲେ। ବୃକ୍ଷର ସବୁଜିମା ତାଙ୍କୁ ଖୁବ୍ ଆକର୍ଷିତ କରୁଥିଲା। ସେ ବୁଝିଥିଲେ ଯେ ଶିଶୁର ପ୍ରାକୃତିକ ବିକାଶ କେବଳ ସେତେବେଳେ ସମ୍ଭବ ହେବ ଯେତେବେଳେ ଶିଶୁଟି ପ୍ରକୃତିର କୋଳରେ ରହି ବୃକ୍ଷଲତା, ନିବିଡ଼ ବନାନୀ, ପ୍ରସ୍ଫୁଟିତ ପୁଷ୍ପ, ଝରଣା ଏବଂ ପର୍ବତ ସହ ନିଜକୁ ଜଡ଼ିତ କରିବ। ସତରେ ଆଜି ଆଧୁନିକ ମଣିଷଟିଏ କଂକ୍ରିଟ ଜଙ୍ଗଲ ଭିତରେ ଯେମିତି ନିଜକୁ ହଜାଇ ଦେଇଛି। ତାଙ୍କର ବିଶ୍ୱାସ ମଧ୍ୟ ଥିଲା ଯେ ପ୍ରକୃତିକୁ ପ୍ରତ୍ୟାବର୍ତ୍ତନ କଲେ ଯାଇ ଶିଶୁଟି ଉପଯୁକ୍ତ ଶିକ୍ଷା ପାଇବା ସମ୍ଭବପର ହୁଏ। ପ୍ରକୃତିକୁ ପ୍ରତ୍ୟାବର୍ତ୍ତନ ହିଁ ଥିଲା ରୁଷୋଙ୍କର ଶିକ୍ଷାର ମୂଳଲକ୍ଷ୍ୟ। ପ୍ରକୃତି ହିଁ ମନୁଷ୍ୟକୁ ବହୁତ ଆନନ୍ଦରେ ବିଭୋର କରିଥାଏ। ଏହି ପ୍ରକୃତିକୁ ପ୍ରତ୍ୟାବର୍ତ୍ତନ ହିଁ ବର୍ତ୍ତମାନ ବିଶ୍ୱର ମୂଳମନ୍ତ୍ର ପାଲଟିଛି। ପ୍ରକୃତରେ ବୃକ୍ଷଲତା ହିଁ ଆଧୁନିକ ମଣିଷର ଘନିଷ୍ଠ ବନ୍ଧୁ। ଆଜି ମଣିଷ ଯେଉଁ କରୋନା ମହାମାରୀର ଶୀକାର ହୋଇଛି। ସେଠି ମଧ୍ୟ ସେ ପ୍ରକୃତିକୁ ଝୁରୁଛି ବୃକ୍ଷଲତା ତା' ପାଇଁ ହିଁ ପ୍ରକୃତ ଜୀବନ ପାଲଟିଛି। ଏହି ବନସ୍ପତି ହେଉଛି ମନୁଷ୍ୟର ପ୍ରାଣର ପୋଷକ। ତା' ବିନା ପ୍ରାଣରେ ସ୍ପନ୍ଦନ ଆଦୌ ସମ୍ଭବ ନୁହେଁ। ବୃକ୍ଷର ଛାୟା, ସୁମିଷ୍ଟ ଫଳ, ପୁଷ୍ପ ସମ୍ଭାର, ଔଷଧୀୟ ଗୁଣ ମନୁଷ୍ୟ ପାଇଁ ସିବନୀ ସ୍ୱରୂପ। ମନୁଷ୍ୟ ଆଜି ଯେଉଁ ଅମ୍ଳଜାନକୁ ଖୋଜୁଛି ନିଜର ସ୍ଥିତି ପାଇଁ ତାହା ବୃକ୍ଷର ଅବଦାନ। ଆଜି ମନୁଷ୍ୟ ପ୍ରକୃତିକୁ ନଷ୍ଟ କରି ଯେଉଁ କଷ୍ଟଲବ୍ଧ ଜୀବନ ଅତିବାହିତ କରି ବଞ୍ଚିବା ପାଇଁ ସଂଘର୍ଷ କରୁଛି ତେବେ ବୃକ୍ଷଲତା ହିଁ ତାକୁ ଏହି ବିପଦରୁ ବଞ୍ଚାଇପାରିବ। ତେଣୁ ସମଗ୍ର ବିଶ୍ୱର ଏବେ ଜୁଲାଇ ୧ ତାରିଖରୁ ୭ ଦିନ ଯାଏ ପାଖାପାଖି ଏକ ସପ୍ତାହ ପର୍ଯ୍ୟନ୍ତ ବୃକ୍ଷରୋପଣ କରି ଏକ ନୂତନ ଅରଣ୍ୟ ସୃଷ୍ଟି କରି ବନୋମହୋତ୍ସବ ନାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ହାତକୁ ନେଇଛି।

ଆଜି ସମସ୍ତ ସରକାରୀ କାର୍ଯ୍ୟାଳୟ ଅନୁଷ୍ଠାନ, ଅଫିସ୍, ପାର୍କ, ଶିକ୍ଷାନୁଷ୍ଠାନ ଇତ୍ୟାଦି ସ୍ଥାନରେ ବହୁଳ ମାତ୍ରାରେ ବୃକ୍ଷରୋପଣ କରାଯାଉଛି।

ଯଦି ଆମେ ବୈଦିକ ଯୁଗକୁ ଫେରିଯିବା ତେବେ ଦେଖିବା ଯେ ଭାରତୀୟ ଆର୍ଯ୍ୟ ଋଷିଗଣମାନେ ତପୋବନ ମଧ୍ୟରେ ଆଶ୍ରମ ନିର୍ମାଣ କରି ଶୀତଳ ଛାୟା ପାଉଥିଲେ। ଏହା ହିଁ ଆର୍ଯ୍ୟ ସଂସ୍କୃତିର ମୂଳମନ୍ତ୍ର। ପୁରାଣରେ ଆଦର୍ଶ ନରପତିମାନେ ସଂସାର ସୁଖ ପରିତ୍ୟାଗ କରି ଜୀବନର ଶେଷଭାଗରେ ବନପ୍ରସ୍ଥ ଅବଲମ୍ବନ କରି ଅରଣ୍ୟରେ ବାସ କରୁଥିଲେ। ଏହି ଅରଣ୍ୟ ହେଉଛି ଆମ ଭାରତ ବର୍ଷର ଜାତୀୟ ସମ୍ପତ୍ତି। ଏହି ଅରଣ୍ୟର ସୁନ୍ଦର ସୁନ୍ଦର ପକ୍ଷୀ ମଧ୍ୟ ବାସ କରୁଥିଲେ। ଆମ ରାଜ୍ୟ ଓଡ଼ିଶାରେ ଏବଂ ଭାରତବର୍ଷରେ ଅନେକ ଆଦିବାସୀ ସମ୍ପ୍ରଦାୟର ଲୋକେ ଅଛନ୍ତି ଯେଉଁମାନେ କି ଅରଣ୍ୟ ଉପରେ ନିର୍ଭର କରି ନିଜର ଜୀବିକା ମଧ୍ୟ ନିର୍ବାହ କରିଆସୁଛନ୍ତି। ଏବେ କିନ୍ତୁ ସେହି ଜଙ୍ଗଲମାନଙ୍କରେ ସେମାନେ ଆଉ ମୁକ୍ତ ଭାବରେ ବିଚରଣ କରିପାରୁନାହାଁନ୍ତି। ଏହି ଅରଣ୍ୟଗୁଡ଼ିକ ଯେ କେବଳ ବାୟୁମଣ୍ଡଳକୁ ବିଶୋଧନ କରୁନଥିଲା ବରଂ ଏହା ଦେଶର ଜଳବାୟୁକୁ ନିୟନ୍ତ୍ରଣ କରୁଥିଲା। ଜଙ୍ଗଲ ରହିଥିଲେ ହିଁ ଆମର ପରିବେଶ ସନ୍ତୁଳନ ଠିକ୍ ରହିବ। ବର୍ଷା ମଧ୍ୟ ଠିକ୍ ସମୟରେ ଏବଂ ପର୍ଯ୍ୟାପ୍ତ ପରିମାଣରେ ହେବ ଏକଥା ମଧ୍ୟ ପରିବେଶବିଦ୍‌ମାନେ କହିଛନ୍ତି। ବୃଷ୍ଟିପାତର ମଧ୍ୟ ଏହି ଅରଣ୍ୟ ସହ ପ୍ରତ୍ୟକ୍ଷ ସମ୍ପର୍କ ଅଛି ବୋଲି ଆମେ ଏବେ ଅନୁଭବ କଲୁଣୁ। କେବଳ ସେତିକି ନୁହେଁ ମୃତ୍ତିକା ସଂରକ୍ଷଣ ମଧ୍ୟ ଏହି ଅରଣ୍ୟ ଯୋଗୁ ହିଁ ସମ୍ଭବ ହୋଇଥାଏ। ଋକ୍‌ବେଦରେ ମଧ୍ୟ ଅରଣ୍ୟର ଉପାଦେୟତା ସମ୍ପର୍କରେ ଆମେ ଅଧ୍ୟୟନ କରିଛୁ।

ଆଜିର ସଭ୍ୟମାନବ ସେହି ଆଦିମଯୁଗରୁ ଓ ଅରଣ୍ୟ ଜୀବନରୁ ଆସି ଏବେ ଅତ୍ୟାଧୁନିକ ବିଜ୍ଞାନ ଯୁଗରେ ପହଞ୍ଚିଲାଣି। ସଭ୍ୟତାର ଶୀର୍ଷରେ ପହଞ୍ଚି ଚନ୍ଦ୍ରପୃଷ୍ଠରେ ଘର କରିବାର ସ୍ୱପ୍ନ ଦେଖି ସେଠାରେ ଜୀବନର ସିବନୀକୁ ସନ୍ଧାନ କରୁଛି। ପୂର୍ବରୁ ଓଡ଼ିଶାରେ ୪୩ ଭାଗ ଅରଣ୍ୟ ଥିବାବେଳେ ଆଜି ଏହା ୧୫ ଭାଗକୁ ହ୍ରାସ ପାଇଛି। ଏଥିପାଇଁ ଆମେ ସମସ୍ତେ ସମପରିମାଣରେ ଦାୟୀ। ଅରଣ୍ୟର ସବୁଜିମାକୁ ଆଜିର ସଭ୍ୟମଣିଷ ଖିନଭିନ୍ କରି ଲୁଟିଚାଲିଛି। ଗାଁମାନଙ୍କରେ ମଧ୍ୟ କୋଠା ଘର ତିଆରି ପାଇଁ ପ୍ରତିଯୋଗିତା ଚାଲିଛି। ଯାହାର ପରିଣାମ ସ୍ୱରୂପ ଆଜି ଅସମୟରେ ବର୍ଷା, ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ଦୁର୍ବିପାକ ଘଟି ଦେଶର ତଥା ରାଜ୍ୟର ଜନଜୀବନକୁ ଧ୍ୱଂସ କରିବାକୁ ବସିଲାଣି।

ଗୋଦରା ମାଡ଼େ ଯେତେ କୋଡ଼େ ସେତେ ଭଳି ସଙ୍ଗୀନ ପରିସ୍ଥିତି ଆସି ସୃଷ୍ଟି ହେଲାଣି। ଗୋଟିଏ ପଟେ ଲୋକସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଆଉ ଗୋଟିଏ ପଟେ ଅରଣ୍ୟ ତଥା ଗଛଲତା ଧ୍ୱଂସ ପାଇଯାଉଛି। କଳକାରଖାନାରୁ ଧୂଆଁ ବାହାରି ବାୟୁମଣ୍ଡଳକୁ ଦୂଷିତ କରୁଛି। ଅତ୍ୟଧିକ ଯାନବାହନ ବ୍ୟବହାର ଏବଂ ବହୁଳ ମାତ୍ରାରେ ଗଛକଟା ହେବାଦ୍ୱାରା ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି। ଲାଗୁଛି ପୃଥିବୀ ଯେମିତି ଏକ ମରୁଭୂମି ପାଲଟିଯାଇଛି। ଭୂଗର୍ଭର ଜଳପତନ ମଧ୍ୟ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଗୃହ ଉପକରଣ ନିର୍ମାଣ ବୃଦ୍ଧି ପାଇବାରେ ଲାଗିଛି। ଆଜି କେବଳ ଜଙ୍ଗଲ ଧ୍ୱଂସ ହୋଇନି ଏହା ସହ ପଶୁପକ୍ଷୀ, ଔଷଧୀୟ ବୃକ୍ଷ ମଧ୍ୟ ପୃଥିବୀରୁ ଲୋପ ପାଇବାରେ ଲାଗିଛି। ପୂରାପୂରି ପୃଥିବୀ ଉତ୍ତପ୍ତ ଅଗ୍ନିପିଣ୍ଡୁଳା ପରି ବୋଧ ହେଉଛି। ବୃକ୍ଷକଟା ହେତୁ ମୃତ୍ତିକା କ୍ଷୟ ଘଟି ତାହାଦ୍ୱାରା ନଦୀଶ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୪ ଜୁନ୍ ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



ବିନା ଦେବତ୍ୱରେ ମଣିଷ ଓ ଆମ ଜଗନ୍ନାଥ

ପରେଶ ଚନ୍ଦ୍ର ସାହୁ

ମଣିଷର ସଜ୍ଞା ହେଲା 'ମଣିଷ ଏକ ସାମାଜିକ ପ୍ରାଣୀ'। ପ୍ରତ୍ୟେକଟି ପ୍ରାଣୀ ଭଳିଆ ସେ ପରିବାର ଗଠନ କରେ ଏବଂ ସମାଜ ମଧ୍ୟରେ ସ'ୁଳନ ରକ୍ଷା କରି କାଳାତିପାତ କରେ । ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପୁରୁଷ ପୁରୁଷ ଧରି ଯେଉଁ ମଣିଷ ମାନେ ରହିବାର କଳାକୁ ଆୟତ୍ତ କରିଥାଁ ସେମାନଙ୍କୁ ବୋଧହୁଏ ଆର୍ଯ୍ୟ କୁହାଯାଏ । ନିଜ ନିଜ ମଧ୍ୟରେ କଳି କର୍ଁ ନାହିଁ ଏବଂ ସେମାନେ ଶାଁ ବଜାୟ ରଖି ଉତ୍ତମ ସହାବସ୍ଥାନ କରିଥାଁ ।

ବାଘ, ଭାଲୁ, ମାଙ୍କଡ଼ ଭଳି ମଣିଷ ମଧ୍ୟ ଗୋଟେ ପ୍ରାଣୀ ଯାହାକୁ ଐକ୍ରୁଞ୍ଜକ୍ରୁ ଝବକ୍ରୁସରଭଷ୍ଟ ବୋଲି ଆଧୁନିକ ବିଜ୍ଞାନ କହିଥାଏ । ଆଜକୁ ପ୍ରାୟ ୫୦୦୦ ବର୍ଷ ତଳେ ଭଗବାନ ବ୍ୟାସଦେବ ଅଷ୍ଟାଦଶ ପୁରାଣ ରଚନା କରିଥିଲେ । ପ୍ରମାଣ ସ୍ୱରୂପ ପାନପୋଷ ଠାରେ ବେଦବ୍ୟାସ ବୋଲି ଏକ ସ୍ଥାନକୁ ହିସାବକୁ ନିଆଯାଇପାରେ । ପୁରାଣର ଅର୍ଥ ପୁରୁଣା ନୁହେଁ । ପୁରାଣ ମାନେ ଅର୍ଥାତ ପୁର ମାନେ ଘର ଏବଂ ଅନ ମାନେ କଥା । ଶିବ ପୁରାଣ ଅର୍ଥ ଶିବଙ୍କର ଘର ବା ପରିବାର କଥା । ବିଷ୍ଣୁ ପୁରାଣ ମାନେ ବିଷ୍ଣୁ ଘର କଥା । ଏହିପରି ବିଭିନ୍ନ ଦେବାଦେବୀଙ୍କ କଥା । ଏହିପରି ଭାବରେ ମଣିଷ ରହିଛି । ଯେଉଁ ମଣିଷ ଠାରେ ଦେବତ୍ୱର ପ୍ରକାଶ ଘଟିଲା ଏବଂ ସେ ତାକୁ ବଜାୟ ରଖିଲା ତାକୁ ଆମେ ଦେବତା ବୋଲି କହିଲୁ । ଯାହାଠାରେ ରାକ୍ଷସ ଭାବ ପ୍ରକାଶ ହେଲା ତାକୁ ରାକ୍ଷସ । ଏହିପରି ସେମାନଙ୍କର ଶ୍ରେଣୀ ବିଭାଗ ।

ମଣିଷ ଏକ ନିଆରା ପ୍ରାଣୀ । ମାନବୀୟ ସଜ୍ଞା ବହନ କରି ଯେଉଁମାନେ ପ୍ରକାଶିତ ହୁଅଁ ସେମାନେ ମଣିଷ ବା ନର । ଗୀତାର ବିଭୁତି ଯୋଗରେ ଅଛି ନର ମାନଙ୍କ ମଧ୍ୟରେ ନୃପତି ବା ରାଜା । ଅର୍ଥାତ ରାଜକୀୟ ଗୁଣଯୁକ୍ତ ମଣିଷ ମାନେ ହିଁ ପ୍ରକୃତ ମଣିଷ । ଏହାର ସର୍ବଶ୍ରେଷ୍ଠ ଉଦାହରଣ ହେଲେ ଶ୍ରୀରାମଚନ୍ଦ୍ର । ଯେଉଁମାନେ ସୂର୍ଯ୍ୟ ତୁଲ୍ୟ ତେଜୀୟାନ ଜୀବନ ସାରା ଜଳିଥାଁ । ତାଙ୍କର ଜୀବନଟା ଉତ୍ସର୍ଗୀକୃତ । ପରୋପକାରାୟ ସ୍ୱର୍ଗୀୟ ଏଇମାନେ ପ୍ରମାଣିତ କରିଥାଁ । ସ୍ନେହ, ପ୍ରେମ, ଭାତୃଭାବ, ଉଦାରତା ପୋଷଣ କରିବା ଆଦି ଭଲଗୁଣ ସବୁ ସେମାନଙ୍କ ଠାରେ ଭର୍ତ୍ତି ହୋଇ ରହିଥାଏ ।

ମଣିଷ ମାନେ ସାଧାରଣତଃ ଦୁଇ ପ୍ରଜାତିର । ସୂର୍ଯ୍ୟବଂଶୀ ଏବଂ ଚନ୍ଦ୍ରବଂଶୀ । ସୂର୍ଯ୍ୟବଂଶୀ ଲୋକଙ୍କ ଠାରେ ଚାହିଁବା ବା ବିକିରଣ ପ୍ରକ୍ରିୟା ଭରିଥାଏ । ପୁରାଣ ବ୍ୟାଖ୍ୟାକରେ ରାତ୍ର ହେଲେ ସୂର୍ଯ୍ୟ ଅଗ୍ନିରେ ପ୍ରବେଶ କରେ ଅର୍ଥାତ ମାନବୋତ୍ତର ବିଭାଗ ହେଉଛି ଭଗବାନ ବା ଅଗ୍ନିବଂଶ । ବସୁ ମାନଙ୍କ ମଧ୍ୟରେ ଅଗ୍ନି । ଭଗବାନ ଶ୍ରୀକୃଷ୍ଣ ଅଗ୍ନିବଂଶର ବୋଲି କୁହାଯାଇପାରେ । ମଷିଷ ମାନଙ୍କର ଆଉ ଗୋଟେ ପ୍ରଜାତି ହେଲେ ବାନର । ନର ଅନୁରୂପ ବାନର । ଏଇମାନେ ମଣିଷ ମାନଙ୍କୁ ନିଜର ଆଦର୍ଶ ବୋଲି ମନେ କର୍ଁ ଏବଂ ମଣିଷ ମାନଙ୍କୁ ସହାୟତା କର୍ଁ । ସୁତରାଂ ମଣିଷ ମାନଙ୍କ ଠାରେ ଆତ୍ମାଟି ଫେଣ୍ଟାଫେଣ୍ଟି ହୋଇ ରହିଥିଲାବେଳେ ଦେବତ୍ୱ ପ୍ରାପ୍ତି ପରେ ତାହା ନିର୍ଲିପ୍ତ ହୋଇଥାଏ । ଚନ୍ଦ୍ରବଂଶୀର ଦାୟାଦମାନେ ଚନ୍ଦ୍ର ଭଳିଆ ପ୍ରତିଫଳନ କର୍ଁ । ସେମାନେ ଗନ୍ଦର୍ଭ, ବିଦ୍ୟାଧର, ଯକ୍ଷ ଆଦି ହୋଇଥାଁ । ଏମାନଙ୍କର ମଣିଷ ମାନଙ୍କ ଭଳି ମର୍ଯ୍ୟାଦାଜ୍ଞାନ ନଥାଏ । ଅଭିନୟ କଳାର ଅଧିକାରୀ ହୋଇଥାଁ । ଆତ୍ମା ପରିବର୍ତ୍ତେ ମନ ଉପରେ ପ୍ରଭାବ ବିସ୍ତାର କରିଥାଁ । ଏମାନଙ୍କ ଠାରେ ଯେହେତୁ ଆତ୍ମାର ପ୍ରଭାବ କ୍ଷୀଣ ମନ ଉପରେ ଅଧିକ ଚାପ ପଡ଼ିଥାଏ । ଏଇ ବଂଶରେ କୀନ୍ନର ଗୁଣ ସମ୍ପନ୍ନ ମଣିଷ ମାନଙ୍କର ଉତ୍ପତ୍ତି ହୋଇଥାଏ । ବ୍ରହ୍ମାଙ୍କର ସ'ାନ ସ'ତି ଭିତରେ ଦେବ ଗଣ ସହିତ ଅସୁର, ଦୈତ୍ୟ, ଦାନବ, ଆଦି ହେଲେ ଅସୁର ଗଣଙ୍କ ବିଭିନ୍ନ ନାମ । ଏ ସବୁ ବାଖ୍ୟା କରିବାର ଉଦ୍ଦେଶ୍ୟ ହେଉଛି ଆମର ଜାଣିବା କଥା ପୁରାଣକାର ମାନେ ଯାହାକୁ ବ୍ୟାଖ୍ୟା କରିନଥିଲେ ତାର ୩୦୦୦ ବର୍ଷ ପରେ ଗୁପ୍ତ ବଂଶୀ ରାଜାଙ୍କର ସମୟରେ ଅମରସିଂହ ଅମରକୋଷରେ ତାକୁ ସୁନ୍ଦର ଭାବେ ବର୍ଣ୍ଣନା କରିଛଁ ।

ତେବେ ଏସବୁ ଏଠି ଆଲୋଚନା କରିବାର ଉଦ୍ଦେଶ୍ୟ ହେଉଛି ମଣିଷ ମାନଙ୍କର ରୂପରେଖ ଯୁଗ । (ସତ୍ୟ, ତ୍ରେତୟା, ଦ୍ୱାପର, କଳି) ଅନୁସାରେ ସ୍ଥିର ହୋଇନଥାଏ ବରଂ ବିଭିନ୍ନ ସଜାତିର ମଣିଷ ଯୁଗ ଗଠନ କରିଥାଁ । ଯେପରି ସତ୍ୟଯୁଗରେ ଦେବଗଣ, ମୁନି, ଋଷି ମାନେ ଚଳ ପ୍ରଚଳ କର୍ଁ ଏବଂ ଭଗବାନ ମୂଳ ରୂପରେ ପୂଜା ପାଇଥାଁ । ତ୍ରେତୟା ଯୁଗରେ ରାକ୍ଷସ ମାନଙ୍କର ଦୌରାତ୍ମ୍ ବଢ଼ିଯାଏ । ମାନବ ଧର୍ମର ପରମ୍ପରାଙ୍କୁ ଉଲଂଘନ କର୍ଁ । ମର୍ଯ୍ୟାଦା ହାନୀ ଘଟେ । ମାନବ ଧର୍ମର ପରମ୍ପରାକୁ ଉଲଂଘନ କର୍ଁ । ମର୍ଯ୍ୟାଦାହାନୀ ଘଟେ । ଭଗବାନଙ୍କୁ ମଧ୍ୟ ନର ରୂପରେ ଧରାପୃଷ୍ଠରେ ଆବିର୍ଭାବ ହବା ପାଇଁ ପଡ଼େ । ରାକ୍ଷସ ପରମ୍ପରାର ମୂଳ ଉତ୍ପାଟନ କରି ସନାତନ ଧର୍ମର ପୁନଃ ସନ୍ସ୍ଥାପନ ଭଗବାନ କର୍ଁ । ଏହାପରେ ଦ୍ୱାପର ଯୁଗ ଆସେ । ଅସୁର ମାନଙ୍କର ଉତ୍ପୀଡ଼ନ ବଢ଼ିଯାଏ । ଗନ୍ଧର୍ବ ମାନଙ୍କ ଦ୍ୱାରା ଅସୁର ମାନଙ୍କର ସଂଖ୍ୟା ବୃଦ୍ଧି ଘଟେ । କ୍ଷମତା ଲୋଭ ବଢ଼ିଯାଏ । ମୃତ୍ୟୁ ଭୟ ଲୋକଙ୍କୁ ଗ୍ରାସ କରେ । ସମ୍ପର୍କରେ ତିକ୍ତତା ଆସେ । ମିତ୍ରଦ୍ରୋହ ପାପରେ ଲୋକେ ବୁଡ଼ି ଯାଆଁ । ଯକ୍ଷର ପ୍ରଭାବ ମଧ୍ୟ କିଞ୍ଚିତ୍ ମାତ୍ରାରେ ବଢ଼ିଯାଏ । ଅନ୍ଧତ୍ୱ ବଢ଼ିଚାଲେ । ଦର୍ଶନ ବଦଳରେ ମନସ୍ତ୍ୱତ । କଳିର ମି ପଡ଼େ । ଭଗବାନ ନିଜେ ଧରାପୃଷ୍ଠରେ ଅବତରଣ କର୍ଁ । ଏଇ ବିନା ଦେବତ୍ୱର ମଣିଷ ମାନଙ୍କୁ ସଂହାର କରିବା ପାଇଁ । କଳିଯୁଗ ଆରମ୍ଭ ହୋଇଯାଏ ।

କଳିଯୁଗରେ ମଣିଷର ସଜ୍ଞା ସଂପୂର୍ଣ୍ଣ ବଦଳି ଯାଏ । ସେଇ ମାନଙ୍କୁ ମଣିଷ କୁହାଯାଏ ଯାହାଠାରେ ଉଦାରତା ଥାଏ । ମାତ୍ର କଳିଯୁଗରେ ତାର ଓଲଟା । ମାଡ଼ଟା ଯେତିକି ନୁହେଁ ଆଘାତ ତା'ଠୁ ବହୁ ଗୁଣରେ ଅଧିକ । କାହା ପାଇଁ କେହି ଉଦାର ମନୋଭାବ ପୋଷଣ କର୍ଁ ନାହିଁ । ଯକ୍ଷ । ଯେଉଁମାନଙ୍କ ଠାରେ ଆତ୍ମା ଶୋଷୀ ହୋଇଥାଏ । ସେଇଟା ଗୋଟେ ଆତ୍ମିକ ରୋଗ । ଉସଷ୍ଟରବଷ୍ଟର କ୍ରୁଲ ବଭଷ୍ଟକ୍ରୁକ୍ସଭରୟ ଝକ୍ରୁସକ୍ସସ୍ଟ । ଧୃତରାଷ୍ଟ୍ର ଅନ୍ଧ । ଦର୍ଶନ ହୀନ । ସେହି ଯକ୍ଷ ଏବଂ ତାଙ୍କର ସ'ାନ ମାନେ ହେଲେ କୌରବ ଏବଂ କଳି । ପାଣ୍ଡବମାନଙ୍କୁ ବାରମ୍ବାର ପଶା ଖେଳରେ ହରାଇ ଶେଷରେ 'ବିନା ଯୁଦ୍ଧେ ଦେବି ନାହିଁ ସୂଚୀ ଅଗ୍ରେ ମେଦିନୀ ।'

ପାଣ୍ଡବ ମାନଙ୍କୁ ଭଗବାନ ଶ୍ରୀକୃଷ୍ଣ ସହାୟ ହେଲେ । କୁରୁକ୍ଷେତ୍ର ଯୁଦ୍ଧରେ ପାଣ୍ଡବ ମାନେ ଜୟଲାଭ କଲେ । ତାର ସ୍ମୃତିକୁ ବହନ କରି ଶ୍ରୀକ୍ଷେତ୍ର ପୁରୀ ଠାରେ ଭଗବାନଙ୍କ ରୂପ କ'ଣ ହୋଇପାରେ ! ନିରାକାର ବ୍ରହ୍ମ ସଦୃଶ ପୂଜା ପାଇଲେ ଆଉ ସେଇ ଦାରୁବ୍ରହ୍ମ ଜଗନ୍ନାଥ, ବଳଭଦ୍ର, ଶୁଭଦ୍ରା ଭଗବାନ, ବିଷ୍ଣୁ, ଶିବ ଏବଂ ବ୍ରହ୍ମା ରୂପରେ ପୂଜା ପାଇଲେ । ସେ ହେଲା ହରି ହର କ୍ଷେତ୍ର । ଆଉ ନାରୀ ରୂପରେ ବ୍ରହ୍ମା ଶୁଭଦ୍ରା ରୂପେ ପୂଜା ପାଇଲେ । ଭାରତର ଚାରିଧାମ (ବଦ୍ରିକା, ରାମେଶ୍ୱର, ଦ୍ୱାରିକା, ପୁରୀ) କଳିଯୁଗରେ ତିନି ଠାକୁର ଦାରୁବ୍ରହ୍ମ ରୂପେ ପୂଜା ପାଉଛଁ । ସତ୍ୟ ଯୁଗରେ ମଣିଷ ପୂର୍ଣ୍ଣ ଦେବତ୍ୱର ମଣିଷ ଥାଆଁ । ତ୍ରେତୟାରେ ଦେବତ୍ୱର ଆଂଶିକ ସ୍ଖଳନ ଘଟେ । ମଣିଷ ତାକୁ ସୁଧାରି ନିଏ । ଦ୍ୱାପର ବେଳକୁ ଅଧା ଅଧା । ମଣିଷ ମାନଙ୍କ ଭିତରେ ତ୍ୟାଗ ବଦଳରେ ଭୋଗ ବଢ଼ିଯାଏ । ଆଳସ୍ୟ ସ୍ଥାନ ପାଏ । ଆସୁରିକ ଶକ୍ତିର ଅଭ୍ୟୁତାନ ଘଟେ । ମଣିଷ କିଛି ଗୋଟେ ଦେଇ ପାରେ ନାହିଁ । ହୋଇଯାଏ ବିନା ଦେବତ୍ୱରେ ମଣିଷ । କଳିଯୁଗ ପ୍ରବେଶ କରେ ।

ମଣିଷ ଯକ୍ଷ ପାଲଟି ଯାଏ । ବ୍ରହ୍ମ ଉପରେ ଆଞ୍ଚ ଆସେ । ବିଷାକ୍ତ ସରୋବର ନିକଟରେ ଯୁଧିଷ୍ଠିରଙ୍କ ସାନ ଚାରିଭାଇ ମୂର୍ଚ୍ଛା ହୋଇଗଲା ଭଳିଆ ମଣିଷ ଭିତରେ ବ୍ରହ୍ମ ବିଚ୍ୟୁତ ଘଟେ । ଯୁଧିଷ୍ଠିର ଯେହେତୁ ଧର୍ମ ଯେ ସତ୍ୟ କ'ଣ ଜାଣି ଥିଲେ ସେ ସିନା ଯକ୍ଷଙ୍କୁ ସମସ୍ତ ପ୍ରଶ୍ନର ଉତ୍ତର ଦେଇ ଦେଲେ । ମାତ୍ର ଆମ ଭିତରେ କେତେଜଣ ସତ୍ୟ କହୁଛଁ କିମ୍ବା ସତ୍ୟ କ'ଣ ଜାଣୁଛଁ । ଯୁଦ୍ଧରେ ପରାସ୍ତ ହୋଇ ଶୂନ୍ୟକୁ ପାଟି କରିଦେଉଛଁ । ବାରମ୍ବାର ଯକ୍ଷ କବଳରେ ପଡୁଛଁ ଏବଂ ମାନବୀୟ ସଜ୍ଞା ହରାଉଛଁ । ଓଶଭକ୍ରୁକ୍ସବଭମର ଷବଷ୍ଟ ଭକ୍ରୁ ରଙ୍ଗମଙ୍କଷ୍ଟର ଅ । ଟ ମ ଜାଣିନୁ । ତା ପାଇଁ କ୍ଷମା ନାହିଁ ।

ସୁତରାଂ କଳିଯୁଗରେ ଆମର ପରିଚୟ କ'ଣ ହେବ ସେଇଟା ଜଗନ୍ନାଥ ଧର୍ମ ଆମକୁ ସୂଚାଇ ଦିଏ । ଯେହେତୁ କଳିଯୁଗରେ ଅହଂ ଭାବ ବଢ଼ିଯାଏ ଆମେ ନିରାକାର ବ୍ରହ୍ମ ହେବାର ଆବଶ୍ୟକତା ରହିଛି । ବରଂ କିଛି ନହେବା ଭଲ; ମାତ୍ର କିଛି ଖରାପ ହେବା ନାହିଁ । ନିଜ ଭିତରେ ଶୂନ୍ୟତା ବୃଦ୍ଧି କରିବାର ଆବଶ୍ୟକତା ରହିଛି । କାଠ ଖଣ୍ଡେ ହେଲା ପଦାର୍ଥ । କାଠରୁ ତିଆରି ଚେୟାର ହେଲା ବସ୍ତୁ । ଆମେ ବସ୍ତୁବାଦୀକୁ ପସନ୍ଦ କରିବା ଉଚିତ ନୁହେଁ । କଥାରେ ଅଛି ଯକ୍ଷର ମୁକ୍ତି ନାହିଁ । ମଣିଷ ଆଜି ସେଇୟା । ମୁକ୍ତି ଅର୍ଥ ରକ୍ଷରର । ମଣିଷ ହାତରେ ସମୟ ନାହିଁ । ଅତି ମାତ୍ରାରେ ପ୍ରତିକ୍ରିୟାଶୀଳ ହୋଇ ଯାଉଛି । ନିଜ ଭିତରର ଶୂନ୍ୟତା କମି ଯାଉଛି । ଆମକୁ ସତ୍ୟ ଯୁଗରେ ପହଞ୍ଚିବାର ଅଛି । ବିନା ଦେବତ୍ୱରୁ ପୂର୍ଣ୍ଣ ଦେବତ୍ୱର ମଣିଷ ହିସାବରେ ଆମକୁ ପ୍ରତିଷ୍ଠା ଲାଭ କରିବା ପାଇଁ ସେଇଭଳି କର୍ମ କରିବାର ଅଛି, କାରଣ ସତ୍ୟ ଯୁଗ ଆସିବ ନାହିଁ । ଆମେ ତାକୁ ଆଣିବା ।

❤ ଅବସରପ୍ରାପ୍ତ ଅତିରିକ୍ତ କୃଷି ନିର୍ଦ୍ଦେଶକ,
ଓଡ଼ିଶା ସରକାର
ମୋ-୮୦୧୮୭୩୮୮୪୪

ସ୍ମୃତିଶତଦଳ ୨୯୦

ସ୍ନାନ ପୂର୍ଣ୍ଣିମାରେ ଶେଷ ଦର୍ଶନ-୧

ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କ୍‌ରୋଡ଼, କଟକ-୧୨
(ମୋ) -୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଜ୍ୟେଷ୍ଠ ପୂର୍ଣ୍ଣିମା ହେଉଛି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା, ଏଥିରେ ଚତୁର୍ଦ୍ଧାମୂର୍ତ୍ତି ସ୍ୱୟଂ ରତ୍ନସିଂହାସନରୁ ଓହ୍ଲାଇ ଆସି ସ୍ନାନମଣ୍ଡପ ଉପରେ ସମସ୍ତଙ୍କୁ ଦର୍ଶନ ଦିଅନ୍ତି । ଏହା ତାଙ୍କର ସ୍ୱୟଂଲୀଳା, 'ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂଲୀଳା ଯା'ର ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର । କବି ସମ୍ରାଟ ଉପେନ୍ଦ୍ର ଭଂଜଙ୍କ ଲେଖନୀରୁ ନିଃସୃତ ଏ ପଂକ୍ତି ନୀଳାଂଜନଙ୍କର ଅପୂର୍ବ ସ୍ୱୟଂଲୀଳାକୁ ସୂଚାଇଥାଏ ।

ପ୍ରତି ଲୌକିକ ଲୀଳାରେ ଚତୁର୍ଦ୍ଧାମୂର୍ତ୍ତି ଅଲୌକିକ, ଜାଗତିକ ସୃଷ୍ଟିରେ ସେମାନେ ମହା ଜାଗତିକ ତଥା ମାନବୀୟ ଚେତନାରେ ସେମାନେ ଦିବ୍ୟ, ନିତ୍ୟ ଓ ପରିବର୍ତ୍ତନଶୀଳ। ପ୍ରଭୁଙ୍କର ନବକଳେବର ପରିବର୍ତ୍ତନ, ଏକ ଚେତନା ମାତ୍ର। ସାମ୍ୟ, ମୈତ୍ରୀ, ଐକ୍ୟ ଓ ଭାତୃଭାବର ସମନ୍ୱୟାତ୍ମକ, ଦାରୁ ବିଗ୍ରହଙ୍କ ନବକଳେବର ଐତିହ୍ୟ, ଓଡ଼ିଆ ଜାତିର ଜାତୀୟ ଜୀବନର ଯଥାର୍ଥ ଇତିହାସ। ପାଦ ନଥାଇ ତାଙ୍କ ପଦ୍ମପାଦରେ ଭକ୍ତମାନଙ୍କର ଲୁହ, କୋହ, ଅନ୍ତର୍ଦାହ, ଅଭିମାନ ଓ ଫୁଲ ଅଜାଡ଼ି ହୋଇଗଲେ ତାକୁ ଆଦରରେ ହୃଦୟରେ ଗ୍ରହଣ କରନ୍ତି ଭାବଗ୍ରାହୀ। ଅପଲକ ତାଙ୍କର ଦୁଇ ଚକାଆଖି, ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ପ୍ରତୀକ, ପଲକ ନପକାଇ ସାରାଦିନ, ସାରାରାତି, ବର୍ଷ ବର୍ଷ ଧରି ଦୁଃଖି ମାନଙ୍କର ଦୁଃଖ ଦୂରେଇ ନେବାର ମନ୍ତ୍ରରେ ସେ ପରା ଅଭିମନ୍ତ୍ରିତ-

'ନାହଂ ତିଷ୍ଠାମି ବୈକୁଣ୍ଠେ, ଯୋଗୀନାଂ ହୃଦୟେନ ଚ, ମଦ୍‌ଭକ୍ତା ଯତ୍ର ଗାୟନ୍ତି, ତତ୍ର ତିଷ୍ଠାମି ନାରଦଃ।'

ଜୟଦେବ ତାଙ୍କର ପ୍ରିୟ ଭକ୍ତ। ସେ ଗୀତ ଗୋବିନ୍ଦର ଲଳିତ ପଦାବଳୀକୁ ଏତେ ଭଲ ପାଆନ୍ତି ଯେ, ତାକୁ ନିଜ ବସ୍ତ୍ରରେ (ଖଣ୍ଡୁଆ ପାଟରେ) ଧାରଣ କରି ବଡ଼ସିଂହାର ବେଶରେ ତାକୁ ପରିଧାନ କରନ୍ତି। ଗୀତକୁ ବସ୍ତ୍ରରେ ଧାରଣ କରିବାର ନାନ୍ଦନିକତା ଅନନ୍ୟ।

ଷାଠିଏ ପଉଟି ଭୋଗ ତାଙ୍କୁ ରୁଚେନି ଯେ, ଅରୁଣ ସ୍ତମ୍ଭ ପାଖରୁ ହାତ ବଢ଼େଇ, ଦାସିଆ ବାଉରୀ ହାତରୁ ନାରିକେଳଟିକୁ ତୋଳି ନିଅନ୍ତି, ଭକ୍ତର ଅଭିମାନ ଏଡ଼ାଇ ନପାରି ବଡ଼ଦାଣ୍ଡ ଉପରେ ଉଭାଥିବା କାଠରଥରୁ ଓହ୍ଲାଇ ବିଜେ ହୁଅନ୍ତି ବାଙ୍କୀ ମୁହାଣରେ ଥିବା ଭକ୍ତ ବଳରାମ ଦାସଙ୍କର ବାଲି ରଥରେ, ଭକ୍ତ ଶ୍ରୀବତ୍ସଙ୍କର ଗୋଇଠା ମାଡ଼ ହୃଦୟରେ ବହନ କରନ୍ତି ଓ ସାଲବେଗଙ୍କର ଆକୁଳ ନିବେଦନ 'ସାତଶ ପଚାଶ କୋଶ ଚାଲି ନ ପାରଇ, ମୋହ ଯିବାଯାଏ ନନ୍ଦୀଘୋଷେ ଥିବରହି' ଗୀତ ଶୁଣି ବଡ଼ଦାଣ୍ଡରେ ରଥ ଅଟକାଇ ଦିଅନ୍ତି।

ସେ ନିଜେ ଲୀଳାମୟ, ନିଜେ ହିଁ ବିଶ୍ୱକର୍ମା ପାଲଟି ନିଜର ଚିରନ୍ତନତାକୁ, ସର୍ବମୟତାକୁ, କାରୁଣ୍ୟକୁ, ଶୃଙ୍ଗାରମାଧୁରୀକୁ ଏବଂ ନାରନାରାୟଣଙ୍କର ଅତୁଟ ସଂପର୍କକୁ ଏଭଳି କପଟ ଅବୟବରେ ସଜାଇ ଦିଅନ୍ତି, ଯାହାକୁ କି ମହାନ୍ ଭାରତୀୟ ମନୀଷିମାନେ ଏପର୍ଯ୍ୟନ୍ତ ଛୁଇଁପାରିନାହାନ୍ତି। ଓଡ଼ିଶା ବାହାରେ ଯେତେ ଯେତେ ଦେବାଳୟ ଅଛି, ସବୁଠାରେ ବିଗ୍ରହମାନେ ସାଧାରଣତଃ ଧାତୁ, ପାଷାଣ, ମୃତ୍ତିକା, ଚିତ୍ରପଟ ଇତ୍ୟାଦି ରୂପରେ ଅଧିଷ୍ଠିତ ହୋଇଛନ୍ତି କିନ୍ତୁ ଶ୍ରୀଜଗନ୍ନାଥ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ନିମ୍ବଦାରୁ ନିର୍ମିତ, ତେଣୁ ସେ ଦାରୁବ୍ରହ୍ମ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଗ୍ରହ ଦେବ ଯୋଗ୍ୟ ଦିବ୍ୟ ଦାରୁରେ ନିର୍ମିତ ହୋଇଥିବାରୁ ସେ 'ଦାରୁ ଦେବତା' ଭାବରେ ପରିଚିତ। ବିଭିନ୍ନ ଧାତୁ, ପାଷାଣ ବା' ମଣିମୟ ବିଗ୍ରହର ପୂଜା ଅପେକ୍ଷା ଦାରୁ ବିଗ୍ରହର ପୂଜା ବିଶେଷ ଫଳପ୍ରାପ୍ତି କରାଇବା ସଙ୍ଗେ ସଙ୍ଗେ ଆୟୁ, ଶ୍ରୀ ବଳ ଓ ବିଜୟ ଦାନ କରିବାକୁ ସମର୍ଥ ହେଉଥିବାରୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଦିବ୍ୟ ଦାରୁରେ ନିର୍ମିତ ହୋଇଥିବା ଅନୁମେୟ। ଶ୍ରୀଜଗନ୍ନାଥଙ୍କ ସହିତ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଆୟୁଧ ଦେବ ପ୍ରଭୁ ସୁଦର୍ଶନଙ୍କର ଏହି ଦାରୁ ବା' କାଷ୍ଠ ନିର୍ମିତ ବିଗ୍ରହ ହେତୁ ତାହା ଦୀର୍ଘସ୍ଥାୟୀ ହୋଇ ରହିବା ସମ୍ଭବପର ହୁଏ ନାହିଁ। ତେଣୁ ଏହି କାରଣ ପାଇଁ କିଛି ବର୍ଷର ବ୍ୟବଧାନ ପରେ ବିଗ୍ରହ ଗୁଡ଼ିକୁ ପରିବର୍ତ୍ତନ କରିବାକୁ ପଡ଼େ। ଶାସ୍ତ୍ର ଅନୁସାରେ ୮ ବର୍ଷରୁ ୧୯ ବର୍ଷ ମଧ୍ୟରେ ଯୋଡ଼ା ଆଷାଢ଼ରେ ହୋଇଥାଏ ବିଶ୍ୱନିୟନ୍ତାଙ୍କର ଏହି ମହାଜାଗତିକ ଲୀଳା। 'ଯଥା ଦେହେ ତଥା ଦେବେ' ରୀତିରେ ମାନବୀୟ ଲୀଳାକୁ ସଂପୂର୍ଣ୍ଣ କରନ୍ତି ଠାକୁରମାନେ।

ଏଇ ସଂକ୍ରାନ୍ତରେ ମନେପଡ଼େ ୧୯୯୬ ମସିହା ନବକଳେବର କଥା କିନ୍ତୁ ୨୦୧୫ ମସିହା ପରି ଭକ୍ତଙ୍କର ଆକୁଳତା, ସଚେତନତା ଓ ତଲ୍ଲୀନତା ଥିବା ସତ୍ତ୍ୱେ, ନବକଳେବର ର ତତ୍ତ୍ୱ ଓ ତଥ୍ୟ ତଥା ନୀତିକାନ୍ତି ବିଷୟରେ ସମସ୍ତେ ଏତେ ଅବଗତ ନଥିଲେ। ଏଥର ବାହ୍ୟବନଜାଗ ଠାରୁ ଆରମ୍ଭ କରି ଦାରୁ ଶଗଡ଼ିଙ୍କର କୋଇଲି ବୈକୁଣ୍ଠ ଯିବାଯାଏଁ ସମସ୍ତ ନୀତିକାନ୍ତି ଗୁଡ଼ିକୁ ଗଣମାଧ୍ୟମ ଜରିଆରେ ସମସ୍ତେ ଦେଖି ପାରିଥିଲେ। ଏପରିକି ଦାରୁଚିହ୍ନଟ ଠାରୁ ଆରମ୍ଭ କରି ଶଗଡ଼ି ଯାତ୍ରା ଯାଏଁ ଲକ୍ଷ ଲକ୍ଷ ଲୋକଙ୍କର ଦାରୁଙ୍କୁ ଦିବ୍ୟ ଦର୍ଶନ, ରଥଯାତ୍ରାର ଭ୍ରମ ସୃଷ୍ଟି କରିଛି, ଯାହା ୧୯୯୬ ମସିହା ନବକଳେବର ବେଳେ ବିରଳ ଥିଲା। ଆଶ୍ଚର୍ଯ୍ୟର କଥା ଦଇତାପତି ନିର୍ଣ୍ଣୟ, ଘରେ ଯଜ୍ଞ କାର୍ଯ୍ୟ ଶେଷକରି ଶ୍ରୀମନ୍ଦିର ଅଭିମୁଖେ ପ୍ରସ୍ଥାନ, ଶ୍ରୀମନ୍ଦିରରୁ 'ଆଜ୍ଞାମାଳ' ପାଇ ଦାରୁ ଅନ୍ୱେଷଣ ଯାତ୍ରାର ଆରମ୍ଭ, ଜଗନ୍ନାଥ ବଲ୍ଲଭ ମଠରେ ବିଶ୍ରାମ, ଭୋରରୁ କାକଟପୁର ମା' ମଙ୍ଗଳାଙ୍କ ପାଖକୁ ଯାତ୍ରା, ମା'ଙ୍କୁ ଆବାହନ, ମା'ଙ୍କର ଦିବ୍ୟସ୍ନାନ ଓ ସୁନ୍ଦର ମାଜଣା, ସ୍ୱପ୍ନାଦେଶ, ଯଜ୍ଞ ଓ ଦାରୁ ଅନ୍ୱେଷଣ, ଦାରୁ ମୂଳରେ ଯଜ୍ଞ, ଦାରୁଛେଦନ, ଦାରୁ ଚଉପଟ, ଦାରୁର ଅବଶିଷ୍ଟାଂଶଙ୍କର ପାତାଳୀ ହେବା ତଥା ନ୍ୟାସ ଦାରୁ ପାଟ କନାରେ ଆବୃତ୍ତ ହୋଇ ଦାରୁ ଶଗଡ଼ି ଯାତ୍ରା ଅପୂର୍ବ ଭକ୍ତିଭାବମୟ ଭାବରେ ପରିସ୍ଫୁଟନ ହୋଇଛି। ଏପରିକି ଚତୁର୍ଦ୍ଧାମୂର୍ତ୍ତିଙ୍କର ଦାରୁ ଶଗଡ଼ି, ଶ୍ରୀକ୍ଷେତ୍ରରେ ତଥା କୋଇଲି ବୈକୁଣ୍ଠରେ ପ୍ରବେଶ,

ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ନୀଳଗିରି, ୩/୦୬ (ନି.ପ୍ର): ନୀଳଗିରି ବ୍ଲକ ନରଣପୁର ପଂଚାୟତ ଗୁହିରଣା ଗ୍ରାମର ମିର୍ଜା ମାଝୀ (୭୦) ଶନିବାର ସକାଳ ପ୍ରାୟ ୭ଘଟିକା ସମୟରେ ନିକଟସ୍ଥ ଜଙ୍ଗଲ କୁ ଜଗିବା ପାଇଁ ଯାଇଥିବା ବେଳେ ଭାଲୁ ହାବୁଡ଼ରେ ପଡିଯାଇଥିଲେ । ଫଳରେ ତାଙ୍କର ବାମ ହାତରେ ସାମାନ୍ୟ ଆଘାତ ହୋଇଥିବା ବେଳେ ତାଙ୍କୁ ୧୦୮ଆମ୍ବୁଲାନ୍ସ ଯୋଗେ ନୀଳଗିରି ହସ୍ପିଟାଲ ଆଣି ଚିକିତ୍ସା କରାଯାଉଥିବା ସୂଚନା ମିଳିଛି ।

ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ନିଖୋଜ: ଅପହରଣ ସନ୍ଦେହ

କନ୍ଧମାଳ, ୩/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ସାହୁ ନିଖୋଜ ହୋଇଯାଇଥିବା ସୂଚନା ମିଳିଛି । ତାଙ୍କୁ ଅପହରଣ କରାଯାଇଥିବା ନେଇ ସନ୍ଦେହ କରାଯାଉଛି । ଏହି ଘଟଣାରେ ମାଓବାଦୀ ମାନଙ୍କ ସମ୍ପୃକ୍ତି ଅଛି କି ଅନ୍ୟ କାହାର ତାହା ଜଣାପଡ଼ିନାହିଁ । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ଜାଜେଶପାଙ୍ଗା ଗାଁରେ ବରାଳ ଦେବୀ ପୂଜା ପାଇଁ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଯାତ୍ରାରେ ଉପାଧ୍ୟକ୍ଷ ଅଜିତଙ୍କୁ ଅତିଥି ଭାବରେ ଡକାଯାଇଥିଲା । ଉପାଧ୍ୟକ୍ଷ ନିଜ କାରରେ ରତଙ୍ଗ ପଂଚାୟତ ସମିତି ସଭ୍ୟ ବିରଂଚି ମଳିକ ଓ ବସନ୍ତ ମାଝୀ ନାମକ ତାଙ୍କର ଜଣେ ସହଯୋଗୀଙ୍କ ସହ ଜାଜେଶପାଙ୍ଗା ପାଇଁ ବାହାରିଥିଲେ । କାର୍ଯ୍ୟକ୍ରମରେ ବିଳମ୍ବ ହେବାରୁ ସେ ତାଙ୍କ କାରରେ ସାଡିଙ୍ଗିଆ ଯାଉଥିଲେ । ରାସ୍ତାରେ ଥିବା ଘାଟି ନିକଟରେ କାରଟିକୁ ରଖି ବାହାରକୁ ପରିସ୍ରା ପାଇଁ ଓହ୍ଲାଇଥିଲେ । ଏଥିସହ ତାଙ୍କର ଦୁଇଜଣ ସହଯୋଗୀ ମଧ୍ୟ ଓହ୍ଲାଇଥିଲେ । ଦୁଇ ସହଯୋଗୀ ପରିସ୍ରା କରି ଫେରିଲା ପରେ ଅଜିତ ପାଖରେ ନ ଥିବା ଦେଖିବାକୁ ପାଇଥିଲେ । ଉଭୟ ସ୍ଥାନୀୟ ଅଂଚଳରେ ବହୁ ଖୋଜା ଖୋଜି କଲା ପରେ ମଧ୍ୟ ଅଜିତଙ୍କୁ ପାଇ ନ ଥିଲେ ।

ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ

ବାସୁଦେବପୁର, ୩/୦୬ (ନି.ପ୍ର): ବାସୁଦେବପୁର ପୌର ପାଳିକା ର ମହିଷା ପଦା ଠାରେ ଏକ ମଧୁର ଓ ଆକର୍ଷଣୀୟ ପରିବେଶ ମଧ୍ୟରେ ବିଜୟଶ୍ରୀ ମଣ୍ଡପ ରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟ ଙ୍କ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବ ରେ ସମସ୍ତ ଅତିଥି ବିଜୟଶ୍ରୀ ଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଜୁ ଜନତା ଦଳର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଦୁର୍ଗା ବ୍ରତ ରାଉତରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ, ଭଦ୍ରକ ବିଧାୟକ ସଂଜୀବ ମଲିକ, ଭଦ୍ରକ ପୌରପାଳିକା ର ଚେୟାରମ୍ୟାନ ଗୁଲମକି ହବିବ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଅସିତ ପଟ୍ଟନାୟକ, ମଳୟ ଜେନା, ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ତିହିଡି ବ୍ଲକ ର ପୂର୍ବତନ ଚେୟାରମ୍ୟାନ ବିଦ୍ୟୁତ ଲତା ନାୟକ, ଅଶୋକ ନାୟକ, ଅବନ୍ତୀ ଦାସ, ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦିକା ରଶ୍ମିତା ନାୟକ, ଗୀତିକାର ପିତାମ୍ବର ମିଶ୍ର, ଶିକ୍ଷାବିତ ଦୁଃଶାସନ ରାଉତ, ସୁରେନ୍ଦ୍ର ନାୟକ, ବାସୁଦେବପୁର ପୌର ପାଳିକା ର ଚେୟାରମ୍ୟାନ ନିବେଦିତା ବେହେରା, ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ବରିଷ୍ଠ ନେତା ପ୍ରଫୁଲ୍ଲ ବିଶ୍ୱାଳ, ଯଦୁନାଥ ନାୟକ, ଗୌତମ ସେଠି, ଉତ୍ତମ ବାରିକ, ଶ୍ୟାମ ସୁନ୍ଦର ମହାନ୍ତି, ମାନସ ସାହୁ, ଦୀନବନ୍ଧୁ ଦାସ, ଜଗବନ୍ଧୁ ଖିଲାର, ସୁରେଶ ମହାନ୍ତି, ଭରତ ମହାନ୍ତି ପ୍ରମୁଖ ଏହି ସଭାରେ ଯୋଗ ଦେଇ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ର ପୂର୍ବତନ ବିଧାୟକ, ଓଡିଶା ର ପୂର୍ବତନ ମନ୍ତ୍ରୀ, ଓଡିଶା ରାଜନୀତି ର ଇତିହାସ ର ବିଶ୍ୱ କର୍ମା ବିଜୟଶ୍ରୀ ରାଉତରାୟ, ପ୍ରିୟ ବାବୁଲି ଭାଇ ଙ୍କ ଜୀବନ ର ବିଭିନ୍ନ ଦିଗ ପ୍ରତି ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମଞ୍ଚରେ ଖୁବ ସୁନ୍ଦର ଭାଷା ଓ ଶବ୍ଦ ସଂଯୋଜନା କରିଥିଲେ ବାସୁଦେବପୁର ବିଧାୟକ ଙ୍କ ପ୍ରତିନିଧି ଅସିତ କୁମାର ଦାଶ । ଓଡିଶା ର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ନୀଳମଣି ରାଉତରାୟ, ନବକୃଷ୍ଣ ଚୌଧୁରୀ, ଡକ୍ଟର ହରେକୃଷ୍ଣ ମହତାବ ଙ୍କ ଅବଦାନ କୁ ମଧ୍ୟ ଅତିଥି ମାନେ ଆଲୋଚନା କରିଥିଲେ । ସମଗ୍ର ବିଶ୍ୱ ରେ ଓଡିଶା ର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଆଦର୍ଶ କୁ ବିଜୟଶ୍ରୀ ଅଧିକ ଗ୍ରହଣ କରିଥିଲେ । ଶଶୀଭୂଷଣ ବାରିକ,ଅଶୋକ ନାୟକ, ଚିନ୍ମୟ ବାରିକ,ବିଜୟ ନାୟକ,କାଳନ୍ଦୀ ସାହୁ, ସୌଭାଗ୍ୟ ବିଶ୍ୱାଳ, ଶାରଦା ମହାନ୍ତି, ସାନ୍ତୁ, ଆଲୋକ ପ୍ରମୁଖ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ।

ଶିମିଳିପାଳ ସୁରକ୍ଷା ନେଇ ଭଞ୍ଜସେନାର ପଦଯାତ୍ରା ଆରମ୍ଭ

ବାରିପଦା , ୩/୦୬ (ନି.ପ୍ର): ଦିନକୁ ଦିନ ଶିମିଳିପାଳ ଅସୁରକ୍ଷିତ ହୋଇ ପଡୁଥିବା ବେଳେ, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ସାଧାରଣ ଜନତାଙ୍କ ମଧ୍ୟରେ ଏକ ସଚେତନତା ସୃଷ୍ଟି କରିବା ଉଦ୍ୟେଶରେ ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ସକାଳେ ଠାକୁରମୁଣ୍ଡା ସ୍ଥିତ ହନୁମାନଙ୍କ ପ୍ରତିମୂର୍ତ୍ତି ସମ୍ମୁଖରୁ ଏକ ସଚେତନତା ପଦଯାତ୍ରା ଆରମ୍ଭ ହୋଇଥିବା ବେଳେ, ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ପଦଯାତ୍ରୀ ଦଳଙ୍କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଠାକୁରମୁଣ୍ଡା ରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ୩ଶହ କିଲୋମିଟର ରୁ ଉର୍ଦ୍ଧ ରାସ୍ତା ପଦଯାତ୍ରାରେ ଅତିକ୍ରମ କରି କପ୍ତିପଦା ବ୍ଲକରେ ସମାପ୍ତ ହେବ ବୋଲି ଜଣାଯାଇଛି। ଭଞ୍ଜସେନା ଆଦିବାସୀ ଶାଖା ସଭାପତି ବାଲୁନ ହାଁସଦାଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ଜିତେନ୍ଦ୍ର ହେମ୍ବ୍ରମ, ବାମନଘାଟି ଉପଖଣ୍ଡ ଆଦିବାସୀ ଶାଖା ସଭାପତି ସୁନ୍ଦର ମୋହନ ଟୁଡୁ, ବିଘ୍ନେଶ୍ୱର ବାସ୍କେ, ରାମଚନ୍ଦ୍ର ମାରାଣ୍ଡି, ମୋହନ ଲାଲ ହେମ୍ବ୍ରମ, ସାଇବା ଟୁଡୁ, ମିଶ୍ର ମହାନ୍ତ, ସାରଜନ ହେମ୍ବ୍ରମ, ସୁଜିତ ସାହୁ, ପ୍ରମୁଖ ପଦଯାତ୍ରା ରେ ସାମିଲ ଥିବା ବେଳେ, ଜିଲ୍ଲା କାର୍ଯ୍ୟକାରୀ ଅଧ୍ୟକ୍ଷ ସଂଜୀବ ରାଉତ, ଜିଲ୍ଲା ଉପସଭାପତି ସନ୍ତୋଷ ଗିରି, ବାରିପଦା ଉପଖଣ୍ଡ ସଂଯୋଜକ ପାରିତୋଷ ବାରିକ, କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି, କପ୍ତିପଦା ଉପଖଣ୍ଡ ଆଦିବାସୀ ଶାଖା ସଭାପତି ସଂମ୍ପୂର୍ଣ୍ଣ ହେମ୍ବ୍ରମ, ବାରିପଦା ଉପଖଣ୍ଡ ସାଧାରଣ ସମ୍ପାଦକ ମନୋରଞ୍ଜନ ବାରିକ, କପ୍ତିପଦା ଉପଖଣ୍ଡ ଆଦିବାସୀ ଶାଖା ସାଧାରଣ ସମ୍ପାଦକ ସଞ୍ଜୟ ହାଁସଦା, ଶିବଶଙ୍କର ମାନା ପ୍ରମୁଖ ଉପସ୍ଥିତ ଥିଲେ, ଆଜି ସଂନ୍ଧ୍ୟାରେ କରଞ୍ଜିଆ ରେ ପଦଯାତ୍ରୀ ଦଳ ପହଞ୍ଚି ରାତ୍ରିଯାପନ କରିବେ ଏବଂ କାଲି ସଖାଲୁ ପୁନର୍ବାର ଖିଚିଂ(ଭାୟା ସିଙ୍ଗଡ଼ା)ଅଭିମୁଖେ ଯାତ୍ରା କରିବେ ବୋଲି ଜଣାଯାଇଛି।

ମିଳିତ ଅମଲା ମଂଚ ପକ୍ଷରୁ ଶୋକସଭା

ଜୟପୁର, ୩/୦୬ (ନି.ପ୍ର): ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ସଭାପତି ଶଶୀଭୂଷଣ ଦାଶଙ୍କ ଆହ୍ୱାନ କ୍ରମେ ଜୟପୁର ଉପଖଣ୍ଡର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲା ଭାଇ ଭଉଣୀ ସରକାର ସେମାନଙ୍କ ଏକ ମାତ୍ର ଦାବି ଦିର୍ଘ ୬ ବର୍ଷ ପରେ ମଧ୍ୟ ଯେହେତୁ ବର୍ତମାନ ସୁଦ୍ଧା ପୁରଣ କରି ନାହାନ୍ତି ସେମାନେ ଦିର୍ଘ ୩ ଦିନ ଧରି ସମୁହ ଛୁଟିରେ ରହିବା ସହିତ କାର୍ଯ୍ୟ ବନ୍ଦ କରିଛନ୍ତି । ବାଲେଶ୍ୱର ବାହାନଗାରେ ଘଟି ଯାଇଥିବା ହୃଦୟ ବିଦାରକ ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପାଇଁ ସମସ୍ତେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଆଜି ଧାରଣାର ତୃତୀୟ ଦିନରେ ସମସ୍ତ ଅମଲା ମାନେ ଶୋକସଭା କରିଛନ୍ତି। ୨ ମିନିଟ୍ ପାଇଁ ନିରବ ପ୍ରାର୍ଥନା କରିବା ସହ ଶାନ୍ତିପୁର୍ଣ୍ଣ ଧାରଣା ଦେଇଥିଲେ। ସେହିପରି ଜୟପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟାଳୟର କର୍ମଚାରୀ ମାନେ ୨ ମିନିଟ ନିରବ ପ୍ରାର୍ଥନା କରି ଶୋକ କରି ଦୁଃଖ ପ୍ରକାଶ କରିଥିଲେ।

ଜିଲ୍ଲାସ୍ତରୀୟ ଅମଲାଙ୍କ ସମୂହ ଛୁଟି : ଲୋକେ ହଇରାଣ

ଖୋରଧା , ୩/୦୬ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ସବୁ ବିଭାଗ ଅମଲା (ସାନ ବଡ଼ କିରାନୀ) ସମୁହ ଅର୍ଣ୍ଣିଥିଷ୍ଟ ଛୁଟି ଯୋଗୁ ସବୁ ବିଭାଗ ଅଫିସ ସୁନସାନ ଆଜକୁ ପ୍ରାୟ ୪ ଦିନ। ବହୁ ଅଫିସରେ କିଛି ୪ ର୍ଥ ଶ୍ରେଣୀ କର୍ମଚାରୀ, କିଛି ଛୋଟ୍ ବଡ ଅଧିକାରୀ ବସିଛନ୍ତି ହାତ ଟେକି। ଲୋକ ମାନେ ନିଜ ଗୁହାରୀ କରିବା ପାଇଁ ଆସିଲେ ଅଧିକାରୀ କହିଛନ୍ତି ଆମ୍,କି, ଅର୍ଥ ଆମ କିରାଣୀ ନାହାନ୍ତୀ ।ଫାଇଲ କେଉଁଠି ଅଛି ସେ ଆସିଲେ ଜାଇ କାମ ହେବ। ଲୋକେ ନିରାଶ ହୋଇ ଫେରିଛନ୍ତି। ଏବେ ଜନସାଧାରଣ ଓ ଅଧିକାରୀ ବୁଝନ୍ତି କିରାଣୀ ମହତ୍ତ୍ୱ କଣ୍? କି, ଅର୍ଥ ଚାବି , ଚାବି ହେଉଛନ୍ତି କିରାଣୀ, ସେ ଜାଣନ୍ତି ନୀୟମ୍ ,ତାଙ୍କ ହାତରେ ଫାଇଲ ଥିବା ଆଲମୀରା ଚାବି ।କେଉଁ ଫାଇଲ କେଉଁଠି ଅଛି। ଏହି ଅମଲା ମାନେ ଛୁଟିରେ ଯିବା ପୁର୍ବରୁ ସେହି ଅଫିସର, ଅଧିକାରୀକୁ ଚାବି ହସ୍ତାନ୍ତର କରି ଦେଇ ଆସିଛନ୍ତି। ଆମର ଅଫିସର କିଏ, ଓଏଏସ ଅଧିକାରୀ କିଏ କିରାଣୀ, କିଏ ରାଜସ୍ୱ ନିରୀକ୍ଷକ, କିଏ ଆଉ କେଉଁ ତୃତୀୟ ଶ୍ରେଣୀ କର୍ମଚାରୀରୁ ତାଙ୍କ୍ ଉନ୍ନତ କାର୍ଯ୍ୟ ଯୋଗୁ ପାଇ ଚନ୍ତି ଓ, ଆର, ସ , ତା ପରେ ଉପରସ୍ଥିତ ହାକିମ। ସେମା ନେ ଚାହିଁଲେ ଲୋକଂକ କାମ ହୋଇ ପାରନ୍ତା। ମାତ୍ର ଅଧିକାରୀ ହୋଇଗଲେ ଖାଲି ଦସ୍ତଖସ୍ତ କଲାମ୍ ଧରି ବସିଛନ୍ତି। ଏବେ ସରକାର କଣ୍ଟା ଚୁଆଲ କମ୍ପୁଟର ଆସିଷ୍ଟାଣ୍ଟ ଦେଇଛନ୍ତି ସବୁ ଫାଇଲ କମ୍ପୁଟର ଅଛି ଓ ପ୍ରତେକ ଅଧିକାରୀ କମ୍ପ୍ୟୁଟର ତାଲିମ ପ୍ରାପ୍ତ । ସେମାନେ ଚାହିଁଲି କାମ ହୋଇ ପାରନ୍ତା, ମାତ୍ର ସେମାନେ ,କି, କିରାଣୀ ଠାରୁ କାମ ହାସଲ କରିବା ସିଦ୍ଧ ହସ୍ତ। ଓଡ଼ିଶା ସରକାର ଆମ କିରାଣୀ ଭାଇ ମାନଂକ ନାର୍ଯ୍ୟ ଦାବୀ ଶୀଘ୍ର ପୁରଣ କରନ୍ତୁ। ନୋହିଲେ ଜନସାଧାରଣ ଖୋର୍ଦ୍ଧା ଉତକ୍ତ ହେବେ ଶୁଣିବାକୁ ମିଳେ।, ସବୁ କାମ ସେହି ଅମଲାଙ୍କ ହାତରେ କରାନ୍ତି। ଆସା ତାଙ୍କ ଦାବୀ ଯାହା ଯୁକ୍ତି , ଯୁକ୍ତ, ଆପସ ଆଲୋଚନାରେ ଓଡ଼ିଶା ସରକାର ମାନିନେଲେ ଭଲ ହୁଅନ୍ତା ସମସ୍ତ ଙ୍କ ପାଇଁ ହୀତ। ଅଫିସ ଗୁଡ଼ିକ ଖୋଲିବ ଶୀଘ୍ର। ଖୋର୍ଦ୍ଧା ଜିଲ୍ଲା ଅମଲା ମାନଂକ ସାଧାରଣ ସମ୍ପାଦକ କହିଛନ୍ତି ଆମେ ଛୁଟି ନେଇ ଜିଲ୍ଲା ପାଳଙ୍କ ଅଫିସ ଆଗେ ଧାରଣ ରତ। , ଦାବୀ ପୂରଣ ନ ହେଲେ ଓଡ଼ିଶା ଅମଲା ସଂଘ ସବୁଦିନ ପାଇଁ ଛୁଟିରେ ରହିବେ। ଏହି ଅନୁପସ୍ଥିତ ପାଇଁ ଖୋରଧା ତଥା ଓଡ଼ିଶା ଜନସାଧାରଣଙ୍କ ପାଖେ କ୍ଷମା ଚାହୁଁଛୁ ତାଙ୍କ ହଇରାଣ ପାଇଁ ଦୁଃଖିତ। ଅନୁରୋଧ ଖୋର୍ଦ୍ଧା ଜନସାଧରଣ ଓ ଓଡ଼ିଶା ବାସୀ ଆମ୍ ଦାବୀ ପାଇଁ ସହଯୋଗ କଲେ ଆମ୍ଭେ କୃତଜ୍ଞତା ଜାଣାଇବୁ।

ସ୍ମୃତି ଓ ବିସ୍ମୃତି - ଘଟଣାକ୍ରମ ୨୦୨୨ ପୁସ୍ତକ ଲୋକାର୍ପିତ

ଜୟପୁର, ୩/୦୬ (ନି.ପ୍ର): ଜୟପୁରର ବିଶିଷ୍ଟ ଶିକ୍ଷାବିତ୍ ତଥା ଯୁବ ସ୍ତମ୍ଭକାର ଅରୁଣ କୁମାର ତ୍ରିପାଠୀଙ୍କ ପୁସ୍ତକ ସ୍ମୃତି ଓ ବିସ୍ମୃତି - ଘଟଣାକ୍ରମ ୨୦୨୨ ଲୋକାର୍ପିତ ହେଇଯାଇଅଛି । ନବରଙ୍ଗପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାରଘରଣୀଙ୍କ ଦେଉଳରେ ଲେଖକ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପଣ୍ଡିତ ସଦାଶିବ ତ୍ରିପାଠୀଙ୍କ ପ୍ରପୌତ୍ର ତଥା ଯୁବ ଉଦ୍ୟୋଗୀ ରଣେନ୍ଦ୍ର ପ୍ରତାପ ତ୍ରିପାଠୀଙ୍କ କରକମଳରେ ଆଜି ଏହା ଉନ୍ମୋଚିତ ହେଇଯାଇଅଛି । ଏହି ପୁସ୍ତକରେ ବର୍ଷ ୨୦୨୨ ରେ ଘଟିଯାଇଥିବା ଘଟଣା ସମୂହ ମାନଙ୍କର ବିବରଣୀ ଲିପିବଦ୍ଧ ହେବା ସହ ଧାର୍ମୀୟ ପର୍ଯ୍ୟଟନ କ୍ଷେତ୍ର ମାନଙ୍କ ବିବରଣୀ ପ୍ରଦାନ କରାଯାଇଅଛି । ଏହି ପୁସ୍ତକ ବିଶେଷ ଭାବେ ପ୍ରତିଯୋଗୀତାମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଚଳେଇଥିବା ଅନୁସନ୍ଧିତ୍ସୁ ତଥା ସମାଜର ସମସ୍ତ ବର୍ଗର ରୁଚି ସନ୍ନିବେଶିତ ହେଇଅଛି । ପଶ୍ଚିମା ପ୍ରକାଶନୀ ଦ୍ୱାରା ପ୍ରକଶିତ ଏହି ପୁସ୍ତକ ପ୍ରଥମ ଦିନରେ ୫୭ଟି ଆଭାଷୀ ବୁକିଂ ହୋଇଥିବା ପ୍ରକାଶକ କହିଛନ୍ତି ।ସୂଚନା ଯୋଗ୍ୟ ଯେ, ଘଟଣା ବହୁଳ ୨୦୨୨ ରେ ଭାରତର ରାଷ୍ଟ୍ରପତି ତଥା ଉପରାଷ୍ଟ୍ରପତି ନିର୍ବାଚନ, ମହାରାଷ୍ଟ୍ରରେ ସିନ୍ଧେ ସରକାର, ଓଡ଼ିଶାରେ ଧର୍ମ ଏବଂ ଦୂଆରେ ବସିବା ରାଜନୀତି, ଆତ୍ମହତ୍ୟା ପ୍ରବଣତାରୁ ମୁକ୍ତି ତଥା ବିଭିନ୍ନ ସୂଚକାଙ୍କରେ ଉଭୟ ରାଜ୍ୟ ଏବଂ କେନ୍ଦ୍ରର ସ୍ଥିତି ଏବଂ ଭବିଷ୍ୟତ ଲକ୍ଷ୍ୟ ମାନଙ୍କ ବିଷୟରେ ଲେଖକ ମନୋଜ୍ଞ ବିଶ୍ଳେଷଣ କରିଅଛନ୍ତି । ଏଥିନିମନ୍ତେ ଶ୍ରୀ ତ୍ରିପାଠୀଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଅଛି ।

ନାରୀ ସଶକ୍ତିକରଣ ଓ ଶିଶୁ ଶିକ୍ଷା ସଚେତନତା ଅଭିଯାନ

ଉଦଳା, ୩/୦୬ (ନି.ପ୍ର): ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟ ତରଫରୁ ଆଇ.କ୍ୟୁ.ଏ.ସି.ର ସହଯୋଗରେ 'ନାରୀ ସଶକ୍ତିକରଣ ଓ ଶିଶୁ ଶିକ୍ଷା' ବିଷୟବସ୍ତୁ ସମ୍ପର୍କିତ ଏକ ସଚେତନତା ଅଭିଯାନ ଆଜି ଜୁନ ୨ ତାରିଖ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି । ଏହାବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହେବା ସହିତ ଆସନ୍ତା ୭ ତାରିଖ ବୁଧବାର ଦିନ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଆଇ.କ୍ୟୁ.ଏ.ସି.ର ସଂଯୋଜକ ଅଧ୍ୟାପକ ଡ଼କ୍ଟର ନିବାରଣ ଶତପଥୀ ପ୍ରାରମ୍ଭରେ ଅବଗତ କରାଇଥିଲେ । ଆଜି ପ୍ରଥମ ଦିବସରେ ଏହା ଜାମବଣୀ ପଂଚାୟତ ଅନ୍ତର୍ଗତ ଆମ୍ବପିଛୁଳା ଗ୍ରାମ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଅଧ୍ୟାପକ ଶାନ୍ତସୁନ୍ଦର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ସାମାଜିକ କର୍ମୀ ଆଶିଷ ମଲ୍ଲିକ ଓ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଅତିଥି ଭାବରେ ଯୋଗ ଦେଇ ନାରୀ ସଶକ୍ତିକରଣ ପାଇଁ ସରକାରୀ ପ୍ରସ୍ତାହନ ଓ ଦେଶ ଗଠନରେ ମହିଳା ମାନଙ୍କର ଭୂମିକା ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ସେହିପରି ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ଲମ୍ବୋଦର ବାରିକ , ଡ଼କ୍ଟର ଲକ୍ଷ୍ମୀକାନ୍ତ ଗିରି, ଅଧ୍ୟାପିକା ରିତା ବିଶ୍ୱାଳ ଓ ଭାନୁମତି ରାଉତ, ସ୍ୱୟଂ ସହାୟକ ଗ୍ରୁପର

ପଂଚାୟତ ସଂପାଦିକା କନକଲତା ବେହେରା, ସିଆରପି ସସ୍ମିତା ଆରୁଖ, ଅବସରପ୍ରାପ୍ତ ଅଙ୍ଗନୱାଡ଼ି ୱାର୍କର ଶୁଭଶ୍ରୀ ସାହୁ, ରାଜଲକ୍ଷ୍ମୀ ଆରୁଖ ପ୍ରମୁଖ ଅଂଶ ଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଶିକ୍ଷା ଓ ରାଜନୀତି ବିଜ୍ଞାନ ବିଭାଗର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ପ୍ରାରମ୍ଭରେ ରତିକାନ୍ତ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଗୌରଚନ୍ଦ୍ର ଆରୁଖ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼କ୍ଟର ଲିପିକା ବେହେରା ଆଭାସୀ ମାଧ୍ୟମରେ ମହାବିଦ୍ୟାଳୟର ଗ୍ରୀଷ୍ମଛୁଟି ସମୟରେ ବହୁସଂଖ୍ୟାରେ ଅଧ୍ୟାପକ, ଅଧ୍ୟାପିକା ଗଠନ ମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିବାରୁ କୃତଜ୍ଞତା ଜଣାଇଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

କନ୍ଦାଇଦେଲା.....

ଆହତ ଓ ନିଜ ପରିଜନଙ୍କୁ ହରାଇ ସାରିଥିବା ଲୋକଙ୍କ ଚିତ୍କାରରେ ଫାଟି ପଡୁଥିଲା ପରିବେଶ। ଉଦ୍ଧାର କାର୍ଯ୍ୟରେ ୯ଟି ଏନଡିଆରଏଫ୍ ଟିମ୍ ସମେତ ୫ଟି ଓଡ୍ରାଫ୍ ୟୁନିଟ୍, ୨୪ ଫାୟାର ସର୍ଭିସ୍, ଇମର୍ଜେନ୍ସି ୟୁନିଟ୍, ରାଜ୍ୟ ପୁଲିସ ସାଙ୍ଗକୁ ସ୍ଥଳ ସେନାର ଯବା

ରବିବାର, ଜୁନ୍ ୦୪, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଦରଡ଼ାରେ ବିଶ୍ୱ ଶାନ୍ତି ମହା ଯଜ୍ଞ

ବସ୍ତା, ୩/୦୬ (ନି.ପ୍ର): ବସ୍ତାବ୍ଲକ ଦରଡା ପଞ୍ଚାୟତ ଦରଡା ଛକ ନିକଟ ଶିବ ମନ୍ଦିର ପଡିଆରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଅଛି । ଗୁରୁବାର ଦିନ ବିଶାଳ କଳସ ଶୋଭା ଯାତ୍ରା ରେ ଦରଡ଼ା ବଜାର ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଚାରିଦିନ ଧରି ବିଶ୍ୱ ଶାନ୍ତି ମହା ଯଜ୍ଞ ଆରମ୍ଭ ହୋଇଯାଇଛି ଏହି ଅବସର ରେ ଦରଡ଼ା ପଞ୍ଚାୟତ ର ସମସ୍ତ ଗ୍ରାମରୁ ତିନି ସହ ରୁ ଉର୍ଦ୍ଧ ମହିଳା ଏକ ବିଶାଳ ଶୋଭାଯାତ୍ରା ରେ ବାହାରି ପେଜଗଳା ନଦୀ କୁଣ୍ଡେଇ ଘାଟରୁ ଘଟ ଉତ୍ତାଳନ କରିବା ସହିତ ପବିତ୍ରପାଣିଧରି ଆସି ଗ୍ରାମ ପରି କ୍ରମକ୍ଷ କରିଥିଲେ ବିଶେଷ କରିବୃନ୍ଦାବନ ରୁ ସାଧୁଶ୍ରୀ ମୁକୁନ୍ଦାନନ୍ଦ ମହାରାଜ.ପୁରୀ ରୁ ସାଧୁଶ୍ରୀ ଅଯୋଧ୍ୟାଦାସ , ପୁରୀ ରୁ ବ୍ରହ୍ମଚାରୀହିମାଶୁଂ ମହାରାଜ.ଜଗତସିଂ ପୁରରୁ ବାଳ ବ୍ରହ୍ମଚାରୀଶ୍ରୀ ସୁନିଲବାବା.ସୁନ୍ଦରହତାରୁ ସାଧୁଶ୍ରୀ ନୟନାନନ୍ଦ ସରସ୍ୱତୀ. ହରିଦ୍ୱାର ରୁ ସାଧୁଶ୍ରୀବିଷ୍ଣୁଗିରି .ହରିଦ୍ୱାର ରୁ ସାଧୁଶ୍ରୀ ଅନନ୍ତଗୋପାଳ ଦାସ. ହରିଦ୍ୱାର ରୁ ସାଧୁଶ୍ରୀରାମପୁରୀ ମହାରାଜ ସାଧୁ ସନ୍ଥ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ସେଥି ମଧ୍ୟ ରୁ ନାଗା ବାବା ଅନ୍ୟତମ ଶନିବାର ଠାରୁ ଯଜ୍ଞ ଆରମ୍ଭ ହୋଇଛି । ସନ୍ଧ୍ୟା ରେ ପ୍ରବଚନ କାଯ୍ୟକ୍ରମ ରହିଛି ।ଏହି ଅନୁଷ୍ଠାନରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ରବୀନ୍ଦ୍ର କୁମାର ଅଣ୍ଡିଆ, ଜିଲ୍ଲା ପରିଷଦ ସଦସସ୍ୟା ବିଷ୍ଣୁପ୍ରିୟ ବୁଗୁଡ଼ି, ଯୁବ ସମାଜସେବୀ ସୁମନ୍ତ କୁମାର ଜେନା. ମହାଦେବ ଦାସ,ପ୍ରମୁଖ ଯୋଗ ଦେଇ ଥିଲେ । ଯୋଗୀ ମାନଙ୍କ ଦ୍ୱାର ସମାଜସେବୀ ସୁମନ୍ତ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ରେଳ ଦୁର୍ଘଟଣା ପରେ ଖଡଗପୁର-ଖୋର୍ଦ୍ଧା ଡିଭିଜନର ୯୦ ଟ୍ରେନ୍ ଚଳାଚଳ ବାତିଲ

ଜଳେଶ୍ୱର ୩/୬(ନି.ପ୍ର): ବାଲେଶ୍ୱର ଜିଲାର ବାହାନଗାଠାରେ ରେଳ ଦୁର୍ଘଟଣା ଯୋଗୁଁ ବିକ୍ଷିପ୍ତ ରେଳ ଧାରଣା ଓ ରେଳଡବା ପଡିଥିବାରୁ ଖଡଗପୁର ଓ ଖୋର୍ଦ୍ଧର ଡିଭିଜନରେ ଚଳାଚଳ କରୁଥିବା ରେଳ ଗୁଡିକ ମଧ୍ୟରୁ ୯୦ଟିକୁ ବାତିଲ କରାଯାଇଛି । ସେହିପରି ୪୯ଟି ରେଳକୁ ଅନ୍ୟ ରାସ୍ତାରେ ଯାତାୟାତ କରାଯାଇଥିବା ବେଳେ ୧୧ଟି ରେଳର ଯାତ୍ରା ସଂକୁଚିତ କରାଯାଇଛି ।

ଘଟଣାରୁ ପ୍ରକାଶ, ଭଦ୍ରକ-ବାଲେଶ୍ୱର ମଧ୍ୟରେ ସବୁ ଟ୍ରେନ ଚଳାଚଳା ଠପ୍ ହୋଇ ଯାଇଥିବାରୁ ଖଡଗପୁର ଓ ଖୋର୍ଦ୍ଧା ରେଳଡିଭିଜନ ମଧ୍ୟରେ ଚଳାଚଳ କରିବାକୁ ଥିବା ପ୍ରାୟ ୯୦ଟି ରେଳକୁ ରେଳ ବିଭାଗ ବାତିଲ କରିଛି । କିନ୍ତୁ ଜଳେଶ୍ୱର-ହାଓ୍ୱାଡା ମେମୋ ନିର୍ଦ୍ଦାଷ୍ଟ ସମୟରେ ଜଳେଶ୍ୱରରୁ ଯାତ୍ରା କରିଛି । ରେଳ ଯାତ୍ରା ବ୍ୟାହତ ଯୋଗୁଁ ଜଳେଶ୍ୱର ଓ ନିକଟବର୍ତ୍ତୀ ରେଳ ଷ୍ଟେସନ ଗୁଡିକରେ ଯାତ୍ରୀମାନେ ଗନ୍ତବ୍ୟପଥକୁ ଯିବାଲାଗି ଅପେକ୍ଷା କରି ଶେଷରେ ଫେରିଛନ୍ତି । କିନ୍ତୁ ୪୯ଟି ଟ୍ରେନ ଏହି ରାସ୍ତାରେ ନ ଯାଇ ଅନ୍ୟରାସ୍ତାରେ ଗନ୍ତବ୍ୟପଥକୁ ଯାଇଥିବା ଖଡଗପୁର ରେଳବାଇ ସୂତ୍ରରୁ ପ୍ରକାଶ । ଦୀର୍ଘ ୧୮ ଘଣ୍ଟା ଟ୍ରେନ ଟ୍ରେକେଡିରେ ସମସ୍ତଙ୍କୁ ଉଦ୍ଧାର କରାଯାଇଥିବା ବେଳେ ପରବର୍ତ୍ତି ସମୟରେ ଶବ ଗୁଡିକୁ ଚିହ୍ନଟ କରାଯାଇଛି । ରେଳ ମରାମତି ରାତିରେ ଚାଲିଥିବାରୁ ଆସନ୍ତା ରବିବାର ରାତିରେ କେତେକ ଟ୍ରେନ ଚଳାଚଳ କରିବ ବୋଲି ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି । ରେଳଯାତ୍ରା ବ୍ୟହତ ହୋଇଥିବାରୁ ସଡକପଥରେ ଯାତାୟାତ ଲାଗି ଅଧିକ ଭଡା ଦେବାକୁ ପଡୁଥିବା ଅଭିଯୋଗ ହୋଇଛି । କେତେକ ବସ୍‌ରେ ଅଧିକ ଭଡା ନିଆଯାଉଥିବାରୁ ଜିଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

ଭୁବନେଶ୍ୱର ଆସିବ ୧୬୦ ମୃତଦେହ

ଭୁବନେଶ୍ୱର , ୩/୦୬ (ନି.ପ୍ର): ବାହାନଗା ରେଳ ଦୁର୍ଘଟଣା ମୃତକଙ୍କ ଶବ ଭୁବନେଶ୍ୱର ଅଣାଯିବ। ଚିହ୍ନଟ ହୋଇପାରି ନଥିବା ୧୬୦ ମୃତଦେହ ଭୁବନେଶ୍ୱରକୁ ଅଣାଯିବ ବୋଲି ମୁଖ୍ୟ ସଚିବ ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେଉଁ ପର୍ଯ୍ୟନ୍ତ ପରିବାର ମୃତ ଶରୀରକୁ ଚିହ୍ନଟ କରିନାହିଁ ସେପର୍ଯ୍ୟନ୍ତ ଏମ୍ସ ସମେତ ରାଜଧାନୀର ବିଭିନ୍ନ ସରକାରୀ ଓ ବେସରକାରୀ ଶବ ଗୃହରେ ମୃତଦେହକୁ ରଖାଯିବ। ୧୬୦ ରୁ ଅଧିକ ମୃତଦେହ କାଲି ଭୁବନେଶ୍ୱରରେ ପହଂଚିବ। ମୃତ ଶରୀରକୁ ଘରକୁ ନେବା ପାଇଁ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ୩୦ରୁ ୪୦ ମୃତ ଯାତ୍ରୀଙ୍କ ପରିଚୟ ମିଳିଲାଣି। ପରିବାର ଲୋକେ ମୃତଦେହ ନେଲେଣି। ବାକି ଚିହ୍ନଟ ହୋଇପାରିନଥିବା ମୃତଦେହଗୁଡିକୁ ପରିବାର ଲୋକ ଚିହ୍ନଟ ନକରିବା ଯାଏଁ ଶବାଗାରରେ ରଖାଯିବ। ବାଲେଶ୍ୱରରେ ମୃତଦେହ ରଖିବାକୁ ପର୍ଯ୍ୟାପ୍ତ ଜାଗା ନଥିବାରୁ ଏହି ବିକଳ୍ପ ବ୍ୟବସ୍ଥା କରାଯାଇଛି। କିଛି ଯାତ୍ରୀଙ୍କ ପ୍ରମାଣପତ୍ର ଠାବ କରାଯାଇଛି। କେଉଁ ସ୍ଥାନରେ କାହାର ଚିକିତ୍ସା ଚାଲିଛି ସେନେଇ ତଥ୍ୟ ଅଛି । ସମସ୍ତ ଯାତ୍ରୀଙ୍କ ତଥ୍ୟ ସଂଗ୍ରହ ଆମ ପାଇଁ ବଡ ଚ୍ୟାଲେଞ୍ଜ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ବାଲେଶ୍ୱର ଜିଲ୍ଲାର ବାହାନଗା ନିକଟରେ ଶୁକ୍ରବାର ସନ୍ଧ୍ୟାରେ କରମଣ୍ଡଳ ଏକ୍ସପ୍ରେସ୍ (୧୨୮୪୧) ଓ ବେଙ୍ଗାଲୁରୁ-ହାଓ୍ୱଡା ଏକ୍ସପ୍ରେସ୍ (୧୨୮୬୪) ଧକ୍କା ହୋଇ ଭୟାବହ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ସରକାରୀ ସୂତ୍ର ଅନୁଯାୟୀ ଏଯାବତ ଏହି ଭୟାବହ ଦୁର୍ଘଟଣାରେ ୨୮୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮୦୩ ଜଣ ଲୋକଙ୍କ ଚିକିତ୍ସା ଜାରି ରହିଛି। ଆହତ ୮୦୩ ଜଣଙ୍କ ମଧ୍ୟରେ ୫୬ ଜଣଙ୍କ ଅବସ୍ଥା ଗୁରୁତର ଥିବାବେଳେ ୭୪୭ ଜଣ ଆହତ ଅବସ୍ଥାରେ ଅଛନ୍ତି ।

ଭଓ୍ୱା ହିତାଧିକାରୀଙ୍କ ରେକର୍ଡ ଯାଞ୍ଚ: ଟାଣ ଖରାରେ ଶିଝିଲେ ବୁଢ଼ାବୁଢ଼ୀ

ଲଙ୍ଗଳେଶ୍ୱର , ୩/୦୬ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଣିଆଡିହା ପଞ୍ଚାୟତର ଆଜି ପଞ୍ଚାୟତ ଅଫିସ୍ ରେ ଭଓ୍ୱା ପାଉନଥିବା ହିତାଧିକାରୀ ମାନଙ୍କୁ ଆସିବା ପାଇଁ ଡେଙ୍ଗୁରା ଦିଆଯାଇଥିଲା। ଖବର ପାଇ ଭଓ୍ୱା ପାଉନଥିବା ହିତାଧିକାରୀ ମାନେ ସକାଳୁ ୮ : ଘଟିକା ସମୟରୁ ଆସିବା ଆରମ୍ଭ କରିଥିଲେ।୧୦ : ସମୟରେ ଯାଞ୍ଚା ଅଧିକାରୀ ମାନେ ପଞ୍ଚାୟତ ଅଫିସ୍ ରେ ପହଞ୍ଚି ଥିଲେ। ଗୋଟିଏ ହିତାଧିକାରୀ ର ରେକର୍ଡ ଯାଞ୍ଚା ପାଇଁ ୧୫: ମିନିଟ ଲାଗୁଥିଲା।ଯାଞ୍ଚା ପ୍ରକ୍ରିୟାରେ ସାମିଲ ପାଇଁ ଶହ ଶହ ବୁଢ଼ା ବୁଢ଼ୀ, ଆସିଥିଲେ।ମାତ୍ର ପଞ୍ଚାୟତ ଅଫିସ୍ ପକ୍ଷରୁ ପ୍ରଚଣ୍ଡ ରୌଦ୍ରତାପ ପାଇଁ କୌଣସି ବ୍ୟବସ୍ଥା ହୋଇନଥିବାରୁ ସାଧାରଣରେ ଅସନ୍ତୋଷ ପରିଲକ୍ଷିତ ହେଇଥିଲା। ପିଇବା ପାଣି ପାଇଁ ବୁଢ଼ା ବୁଢ଼ୀ ଡହଳବିକଳ ହେଉଥିବା ଦେଖି ବାକୁ ମିଳୁଥିଲା। ଏହିପରି ଅବ୍ୟବସ୍ଥା ଯୋଗୁଁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଯାଞ୍ଚା ପ୍ରକ୍ରିୟା ଗୋଟିଏ ଦିନ ହେବାକୁ ଥିବାରୁ ସମସ୍ତ ଭଓ୍ୱା ହିତାଧିକାରୀ ମାନେ ଆସିଥିଲେ। ବାଇନ ଚନ୍ଦ୍ର ମୁର୍ମୁ,ମଡି ବିବି, ବାବୁନାଥ ସାହୁ, ପିତାମ୍ବର ମଲ୍ଲିକ ପ୍ରମୁଖ ଙ୍କ ସମେତ ବହୁ ହିତାଧିକାରୀ ପାଞ୍ଚ ମାସ ଧରି ଭଓ୍ୱା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ଯାଞ୍ଚା ପ୍ରକ୍ରିୟା ପ୍ରତି ୱାର୍ଡରେ କରାଇବା ପାଇଁ ସମାଜସେବୀ ପ୍ରଣବ କୁମାର ଜେନା, ବିଜେପି ପଞ୍ଚାୟତ ସଭାପତି ଚିତ୍ତରଞ୍ଜନ ଜେନା,ଭାନୁଚରଣ ପାତ୍ର, ନିତ୍ୟାନନ୍ଦ ବାରିକ ପ୍ରମୁଖ ଦାବି କରିଛନ୍ତି।

ରେଳ ଦୁର୍ଘଟଣାରେ ନୀଳଗିରି ଯୁବକ ମୃତ: ଅଞ୍ଚଳରେ ଶୋକର ଛାୟା

ନୀଳଗିରି: ଗତ ଶୁକ୍ରବାର ବାଲେଶ୍ୱର ବାହାନଗା ଠାରେ ସନ୍ଧ୍ୟା ପ୍ରାୟ ୭ ଘଟିକା ସମୟରେ ହୋଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ନୀଳଗିରି ଅଂଚଳ ର ଜୈନିକ ଯୁବକଙ୍କ ମୃତ୍ୟୁ ହୋଇଅଛି । ଏନେଇ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।ସୂଚନା ଅନୁସାରେ ନୀଳଗିରି ଥାନା ଅଯୋଧ୍ୟା ଗ୍ରାମର କୁନା ମୁଖି (୪୩) କରମଣ୍ଡଳ ଏକ୍ସପ୍ରେସ୍ରେରେ ଯାଉଥିବା ବେଳେ ବାହାନଗା ଠାରେ ରେଳ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଜଣାପଡିଛି । ସ୍ଥାନୀୟ ଲୋକେ ସୋର ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି ।

ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ସଜେଇ ହେଉଛି ଉଦଳା

ଉଦଳା ବସ୍ ଷ୍ଟାଣ୍ଡରେ ଶୌଚାଳୟ ଉଦ୍‌ଘାଟିତ

ଉଦଳା, ୦୩/୦୬ (ନି.ପ୍ର):- ଉଦଳା ବସ୍‌ଷ୍ଟାଣ୍ଡଟି ସହରର ୱାର୍ଡ଼ ନଂ-୧୦(ଗୋପବନ୍ଧୁନଗର) ପରିସରରେ ଅବସ୍ଥିତ । ଏଠାରେ ସବୁ ସମୟରେ ବାହାରୁ ଆସୁଥିବା ଯାତ୍ରୀ ମାନଙ୍କର ଭିଡ଼ ଲାଗି ରହିଥାଏ । ଏହି ସ୍ଥାନରେ ଏକ ଶୌଚାଳୟ ଓ ସ୍ନାନାଗାର ନିକଟରେ ଉଦ୍‌ଘାଟିତ ହୋଇ ଯାଇଛି । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ନାଲିଫିତା କାଟି ଏହି ଶୌଚାଳୟକୁ ଉଦ୍‌ଘାଟନ କରି, ଆମ ସହରକୁ ବାହ୍ୟ ମଳମୁକ୍ତ ଅଂଚଳ ଘୋଷଣା କରାଯାଇଛି। ତେଣୁ ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ବ୍ୟକ୍ତ କରିଥିଲେ । ଉକ୍ତ ଉଦ୍‌ଘାଟନ ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ଉପନଗରପାଳ ଲିଲି ଭୋଲ, ନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ୱାର୍ଡ଼ ନଂ-୧୦ର କାଉନସିଲର ଉର୍ମିଳା ନାୟକ, ଯନ୍ତ୍ରୀ ସୁକାନ୍ତ ପାତ୍ର ପ୍ରମୁଖ ଯୋଗ ଦେଇ ଚଳିତ ବର୍ଷ ଉଦଳା ସହରକୁ ୫୦ ବର୍ଷ ପୁରିଲା । ଏହାର ସୁବର୍ଣ୍ଣ ଜୟନ୍ତୀ ବର୍ଷ ଅବସରରେ ବର୍ଷ ତମାମ ବିଭିନ୍ନ ପ୍ରକାର ଗଠନମୂଳକ କାର୍ଯ୍ୟ ହାତକୁ ନିଆଯାଉଛି । ସେଥିମଧ୍ୟରେ ଶୌଚାଳୟ ଗୋଟିଏ ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଏହିପରି ବର୍ଷକ ମଧ୍ୟରେ ଶ୍ମଶାନ, ସ୍ମାର୍ଟ ପାର୍କ, ବିଭିନ୍ନ ୱାର୍ଡ଼ରେ ଜିମ ପ୍ରଭୃତି ଉଦ୍‌ଘାଟିତ ହୋଇ ଯାଇଛି । ଆହୁରି ଅନେକ କିଛି କାମ ଆଗକୁ କରିବାକୁ ବାକି ରହିଛି ବୋଲି ଜଣାଇଥିଲେ ।

ଶିକ୍ଷାମନ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର : ୩୦୨ ୟୁନିଟ ରକ୍ତ ସଂଗ୍ରହ

ବାରିପଦା , ୩/୦୬ (ନି.ପ୍ର): ତକକପୁର ସ୍ଥିତ ହୋଲି ପେଲେସ ପରିସରରେ ଓଡିଶା ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଜନ୍ମଦିନ ପାଳନ ଅବସରରେ ବିଜୁ ଜନତା ଦଳର ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ, ଓଡିଶା ମୋ ପରିବାର ଓ ଜୀବନବିନ୍ଦୁର ମିଳିତ ସହଯୋଗରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏହି ଶିବିରକୁ ମନ୍ତ୍ରୀ ଶ୍ରୀ ମାରାଣ୍ଡି ଉଦଘାଟନ କରିବାପରେ ଶୁଭେଚ୍ଛୁ ମାନଙ୍କ ଗହଣରେ ଜନ୍ମଦିନ ପାଳନ କରାଯାଇଥିଲା ଓ ସହଧର୍ମିଣୀ ଶ୍ରୀମତୀ ମାରାଣ୍ଡିଙ୍କ ସମେତ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଦେବାଶିଷ ମାରାଣ୍ଡି, ଜିଲ୍ଲା ଜୀବନବିନ୍ଦୁ ସଂଯୋଜକ ଦେବାଶିଷ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମନ୍ୟମ ମହାନ୍ତି, ଯୋଜନା ବୋର୍ଡ ଉପଦେଷ୍ଟା ଜୀତେନ୍ଦ୍ର ମହାନ୍ତି, ଶିକ୍ଷା ରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା, ଦୁର୍ଗା ମାରାଣ୍ଡି, ପରେଶ ମୁଣ୍ଡା, ବିଭିନ୍ନ ବ୍ଲକର ଚେୟାରମ୍ୟାନ, ସରପଞ୍ଚ ଓ ସମିତି ସଭ୍ୟ, ମ୍ୟୁନିସିପାଲିଟିର ସମସ୍ତ କାଉନସିଲର, ଜିଲ୍ଲା ମହିଳା ସଂଗଠନର ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ଜିଲ୍ଲା ଯୁବ ସଭାପତି ଅରୁଣ ବରାଡ଼, ଛାତ୍ର ସଭାପତି ସୁନୀଲ ନାୟକ ତଥା ବିଭିନ୍ନ ସଂଗଠନର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ଓ ଏହି ଶିବିରରେ ମୋଟ ୩୦୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା. ସମାଜସେବୀ ଅମର କୁମାର ସେଠି, ଇ. ବିପ୍ଳବ ଭୁଗୁଡେଇ ଓ ହୃଷିକେଶ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରେଡକ୍ରସର ଆଜୀବନ ସଦସ୍ୟ ସୋମନାଥ ସିଂହ, ଦୀପକ କୁମାର ମିଶ୍ର, ସ୍ୱରୂପ କୁମାର ଦାସ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିବା ବେଳେ, ବାରିପଦା ରକ୍ତଭଣ୍ଡାରର ଡ଼. ସୌମ୍ୟ ରଞ୍ଜନ ନାୟକ ଓ କରଞ୍ଜିଆ ରକ୍ତ ଭଣ୍ଡାରର ଡ଼. ଅନିତା ସିଂ, ପୁଣ୍ଡରାକ୍ଷ ଦାସ, ପାର୍ଥ ସାରଥୀ ମହାନ୍ତ, କରୁଣାକର ଜେନା, ରୁଚିକା ଖୁରାନା, କପିଳେନ୍ଦ୍ର ରାଉତ, ଗାୟତ୍ରୀ ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

ଟ୍ରେନ ଦୁର୍ଘଟଣାରେ ବାଲିଆପାଳର ମୁକ୍ତିକାନ୍ତ ରାଉଳ ମୃତ

ଲଙ୍ଗଳେଶ୍ୱର, ୩/୦୬ (ନି.ପ୍ର): ଶୁକ୍ରବାର ସନ୍ଧ୍ୟାରେ ବାହାନଗା ଠାରେ ଘଟି ଥିବା ହୃଦୟ ବିଦାରକ ଟ୍ରେନ ଦୁର୍ଘଟଣାରେ ବାଲିଆପାଳର ମୁକ୍ତିକାନ୍ତ ରାଉଳ(୨୩)ଙ୍କ ପ୍ରାଣ ଯାଇଥିବା ଜଣାଯାଇଛି। ମୁକ୍ତିକାନ୍ତ ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତର ଖଗଡାପାଳ ଗ୍ରାମର ଭାଗବତ ରାଉଳଙ୍କ ଏକମାତ୍ର ପୁତ୍ର। ଏକ ବର୍ଷ ତଳେ ଡାକ ବିଭାଗରେ ଚାକିରୀ ପାଇ ଭଦ୍ରକ ଜିଲ୍ଲା ବାସୁଦେବପୁରରେ ଚାକିରୀ କରିଥିଲେ। ଶୁକ୍ରବାର ଭଦ୍ରକରୁ ଶାଲିମାର ଏକ୍ସପ୍ରେସରେ ବାଲେଶ୍ୱର ଆସୁଥିଲେ। ରାତ୍ରୀରେ ବାଲେଶ୍ୱରରେ ତାଙ୍କ ବନ୍ଧୁଙ୍କ ଘରେ ରହି ଶନିବାର ସକାଳେ ଆରଟିଓ ଅଫିସରେ ଡ୍ରାଇଭିଂ ଲାଇସେନ୍ସ ପାଇଁ ପରୀକ୍ଷା ଦେଇ ଘରକୁ ଆସିଥାଆନ୍ତେ। ମାତ୍ର ସବୁ ଓଲଟ ପାଲଟ ହୋଇଗଲା। ନିଜର ଆଶା ଆକାଂକ୍ଷା ସହିତ ପୁଅର ଭବିଷ୍ୟତକୁ ନେଇ ପିତାମାତାଙ୍କ ସବୁ ସ୍ୱପ୍ନ ଅଧା ବାଟରେ ରହିଗଲା। ସବୁଦିନ ପାଇଁ ମୁକ୍ତି କାନ୍ତର ଦୀପ ଲିଭିଗଲା। ଭଗବାନ ତାଙ୍କ ଅମର ଆତ୍ମାର ସଦଗତି କରନ୍ତୁ। ଏପରି ଦୁଃଖଦ ମୁହୂର୍ତ୍ତରେ ଭଗବାନ ତାଙ୍କ ପରିବାର ବର୍ଗଙ୍କୁ ଧର୍ଯ୍ୟ ଓ ଅସୀମ ସାହସ ପ୍ରଦାନ କରନ୍ତୁ ବୋଲି ଗ୍ରାମବାସୀ ମାନେ ପ୍ରାର୍ଥନା କରିଛନ୍ତି।

ଅମଲା ମାନଙ୍କର ସମୂହ ଛୁଟି ୨ୟ ଦିନରେ

ବାରିପଦା , ୩/୦୬ (ନି.ପ୍ର): ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚ ଆହ୍ୱାନେର ଗତ ୦୧.୦୬.୨୦୨୩ ତାରିଖରୁ ଜିଲ୍ଲାର ସମସ୍ତ ଅମଲା ସମୂହ ଛୁଟେର ଅଛନ୍ତି। ଫଳେର ଦୂର ଦୂରାନ୍ତରୁ ଅଫିସ କାମ ପାଇଁ ଆସୁଥିବା ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାସହିତ ଆର୍ଥିକ କ୍ଷତି ମଧ୍ୟ ସହୁଛନ୍ତି। ତେଣୁ ଜିଲ୍ଲାର ସମସ୍ତ ଅମଲା ମାନଙ୍କର ଦୁଃଖ ଓ ଦୁଦର୍ଶାକୁ ହୃଦୟଙ୍ଗମ କରି ସରକାର ତାଙ୍କ ଦାବି ପ୍ରତି ଯତ୍ନବାନ ହେବା ସହିତ ଏହି ସମସ୍ୟାର ଯଥାଶୀଘ୍ର ସମାଧାନ କରେଲ ଜିଲ୍ଲାର ସାଧାରଣ ଜନତାଙ୍କ ସହିତ ସମସ୍ତ ଅମଲା ଉପକୃତ ହେବ ବୋଲି ଆନ୍ଦୋଳନ ରତ ଆମଲା ମୋନ କହିଛନ୍ତି। ସଂଘର ଉପେଦଷ୍ଟା ଶଶାଙ୍କ ଶେଖର ମହାପାତ୍ର, କପିଳାସ ବେହେରା, ଅଧକ୍ଷ ଧୌରନ୍ଦ୍ର କୁମାର ଟୁଡୁ, କୋଷାଧକ ରୂପକ କୁମାର ମହାରଣା, ଗଣ ମାଧ୍ୟମ ସମ୍ପାଦକ ଶାନ୍ତନୁ କୁମାର କର, ସଦସ୍ୟ ମିହିର ଜ୍ୟୋତି ମହାନ୍ତ, ମାନସ ମହାନ୍ତି, ବିଶ୍ୱଜିତ ମହାନ୍ତି, ଶୁଭ୍ର ମଲ୍ଲିକା ବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ ପାତ୍ର, ସତ୍ୟଜିତ ପେଲଇ, ଅଂଶୁମାନ ମହାପାତ୍ର, ସୁଶାନ୍ତ ଦାସ, ଧ୍ରୁବ ପାଣିଗ୍ରାହୀ, ସୁଭାଷ ପାତ୍ର ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକୁ ସୁଚାରୁ ରୂପ ପରିଚାଳନା କରୁଛନ୍ତି।

ଧାରଣା ବେଳେ ପୂର୍ତ୍ତ ବିଭାଗ ଅବସରପ୍ରାପ୍ତ ମହିଳା କର୍ମଚାରୀ ଅସୁସ୍ଥ

ବାଲେଶ୍ୱର, ୩/୦୬ (ନି.ପ୍ର): ପେନସନ ଦାବିରେ ପୂର୍ତ୍ତ ବିଭାଗ-୧ ସମ୍ମୁଖରେ ଅବସରପ୍ରାପ୍ତ କର୍ମଚାରୀମାନେ ବସିଥିବା ଧାରଣା ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ୨ୟ ଦିନରେ ଧାରଣାରେ ବସିଥିବା ବେଳେ ଅବସରପ୍ରାପ୍ତ ୬୮ବର୍ଷର ମହିଳା ସାବିତ୍ରୀ ବେଓ୍ୱା ପ୍ରବଳ ରୌଦ୍ରତାପ ଯୋଗୁଁ ଟଳିପଡ଼ିଥିଲେ। ଧାରଣାରତ ସହଯୋଗୀ ଓ ଉପସ୍ଥିତ ପୁଲିସ କର୍ମଚାରୀ ତାଙ୍କୁ ତୁରନ୍ତ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ